**ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା, ଡ୍ରାଇଭର ଗୁରୁତର**

ଚୌଦ୍ୱାର,(ଡି.ଏନ.ଏ.): ୫୫ ନଂ. ଜାତୀୟ ରାଜପଥର ଚୌଦ୍ୱାର ନିକଟସ୍ଥ ଦେବୀନଗର ଗଡ଼ାଠାରେ ବସ୍ ଓ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବସ୍ ଡ୍ରାଇଭର ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏକ ବସ୍ ଅନୁଗୋଳରେ ବରଯାତ୍ରୀଙ୍କୁ ଛାଡି କଟକ ଅଭିମୁଖେ ଯାଉଥିବାବେଳେ ଦେବୀନଗର ଗଡ଼ା ନିକଟରେ ସମ୍ମୁଖରୁ ଆସୁଥିବା ଟ୍ରକ୍ ସହିତ ଧକ୍କା ହୋଇଥିଲା। ଟିପିଏମ୍ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ ପଠାଇବା ସହିତ ଉଭୟ ଗାଡ଼ିକୁ ଜବତ କରି ଥାନାକୁ ଆଣିଛି।



## ସଂକ୍ଷେପରେ

### ବିଜେଡି ଯୁବଛାତ୍ର, ମହିଳା ସମାବେଶ

**କଟକ ସଦର,୨୧।୨(ଡି.ଏନ.ଏ.):** ନଗରୀ ପଞ୍ଚାୟତ ଅଧୀନ ମହୀଧରପଡାରେ ବାରଙ୍ଗ ବ୍ଲକ ବିଜେଡି ଯୁବଛାତ୍ର ଓ ମହିଳା ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଆଇନଜୀବୀ କବି ନାରାୟଣ ଜେନା, ଗୋଲଖ ଚନ୍ଦ୍ର ପାତ୍ର, ପୁଷ୍ପଲତା ପାତ୍ର, ବାରଙ୍ଗ ବ୍ଲକ ଅଧକ୍ଷ ସରୋଜ ସାହୁ, କଣ୍ଟାପଡା ବ୍ଲକ ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ, ଗଗନ ବିହାରୀ ଜେନା, ଶଶିଭୂଷଣ ଦାଶ ଓ ପ୍ରିୟ ରଞ୍ଜନ ସାହୁ ଯୋଗଦେଇଥିଲେ। ଏଥିରେ ଦଳର ସଙ୍ଗଠନାତ୍ମକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କଟକ ଅଫିସ, ୨୧।୨:** ରାଜ୍ୟର ଅଗ୍ରଣୀ ସାମାଜିକ ସଙ୍ଗଠନ ଆଶ୍ୱସ୍ତି ଫାଉଣ୍ଡେଶନର ରାଜ୍ୟ ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ନେତୃତ୍ୱରେ ହାଇକୋର୍ଟସ୍ଥିତ ଜୁଡିସିଆଲ ଛକଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମର୍କତନଗର, ଲାଲବାଗ ଥାନା ଅଧିକାରୀ, ଟ୍ରାଫିକ ଥାନାର କର୍ମଚାରୀଙ୍କ ସମେତ ଆଶ୍ୱସ୍ତି ଫାଉଣ୍ଡେଶନ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଗାଡି ଚାଳକମାନେ ହେଲ୍‌ମେଟ୍ ପିନ୍ଧିବା ଓ କାର ଚଲାଇବାବେଳେ ସର୍ବଦା ସିଟ୍‌ବେଲ୍ଟ ପିନ୍ଧିବା ପାଇଁ ଉକ୍ତ କାର୍ଯ୍ୟକ୍ରମ ମାଧମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା।

### ଛାତ୍ରନେତା ଦେବାଶିଷ ଦାସଙ୍କ ସ୍ମୃତିସଭା

**କଟକ ଅଫିସ,୨୧।୨:** ସାମାଜିକ କର୍ମୀ ତଥା ଛାତ୍ରନେତା ଦେବାଶିଷ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ରବିବାର ଚାନ୍ଦିନୀଚୌକସ୍ଥିତ ହରିହର ଘାଟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଦେବାଶିଷ ଦାସ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସଭାରେ ବକ୍ତାମାନେ ଯୋଗଦେଇ ସମାଜସେବା ସହିତ ଅନ୍ୟାୟ ବିରୋଧରେ ସଂଗ୍ରାମ ଅବ୍ୟାହତ ରହିବ ବୋଲି କହିଥିଲେ। ଏଥିରେ ଏମ୍‌ପି ସୁବାସ ସିଂ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ପ୍ରଶାନ୍ତ ନାୟକ, ଭିକାରୀ ଦାସ, ଦିଲୀପ ପ୍ରଧାନ ପ୍ରମୁଖ ଯୋଗଦେଇ ଦେବାଶିଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ମିତ୍ରଭାନୁ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ

**କଟକ ଅଫିସ, ୨୧।୨:** ସ୍ଥାନୀୟ ବିଡାନାସୀ ଗ୍ରାମ ଖେଳପଡିଆରେ କ୍ରୀଡା ଭାରତୀ କଟକ ଶାଖା ପକ୍ଷରୁ ରବିବାର ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସହରର ବିଭିନ୍ନ ସ୍କୁଲ ଓ ଅନୁଷ୍ଠାନର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଡାନାସୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅଭିଜିତା ଭାସ୍କର ଓ ସମ୍ମାନିତ ଅତିଥି ଭାବେ ଅଭିନେତା ଶ୍ରୀତମ ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ତ୍ରିଗୁଣ ଦାସ ମହାପାତ୍ର, କ୍ରୀଡା ଭାରତୀ ସଭାପତି ଅଶୋକ ନାୟକ, ଉପସଭାପତି ପ୍ରତାପ ସିଂ, ବନମାଳୀ ବିଶୋଇ ଓ ସମ୍ପାଦକ ତୁଷାରକାନ୍ତ ସିଂ ଉପସ୍ଥିତ ଥିଲେ।

# ଛଟପଟ କରୁଛି ବେଆଇନ ପାର୍କିଂ, ଓଭରବ୍ରିଜ୍ କାମ

**ଭୁବନେଶ୍ୱର,୨୧।୨(ବ୍ୟୁରୋ)**

ଭୁବନେଶ୍ୱର ମଧଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ସହରବାସୀଙ୍କ ପାଇଁ ଏବେ ବଡ଼ ସମସ୍ୟା ପାଲଟିଛି। ବାରମ୍ବାର ଦୁର୍ଘଟଣା ଜୀବନ ନେଉଥିବାବେଳେ ଏବେ ବିଭିନ୍ନ ସ୍ଥାନରେ ଟ୍ରାଫିକ ଜାମ୍ ଅଣନିଃଶ୍ୱାସୀ କରିଦେଉଛି। ଖଣ୍ଡଗିରିଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନର ଓଭରବ୍ରିଜ୍ ନିର୍ମାଣ ଚାଲିଥିବାରୁ ଗାଡ଼ିମୋଟର ଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ବିଶେଷକରି ଖଣ୍ଡଗିରି ଛକ ଓ ଆଖପାଖ ଜାତୀୟ ରାଜପଥ ପାର୍ଶ୍ୱରେ ବସ୍ ଓ ଟ୍ରକ୍ ପାର୍କିଂ କରାଯାଉଥିବାରୁ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ପୋଲିସ, ରାଜପଥ କର୍ତ୍ତୃପକ୍ଷ ଓ ବ୍ରିଜ୍ ନିର୍ମାଣ କରୁଥିବା ସଂସ୍ଥା ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଉ ନ ଥିବାରୁ ଦିନକୁ ଦିନ ଯନ୍ତ୍ରଣା ବଢୁଛି।

ଦିନ ୮ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍ ଲାଗି ରହୁଛି। ଦିନଠାରୁ ରାତି ସମସ୍ୟା ସବୁଠୁ ବଳିଯାଉଛି। ଖଣ୍ଡଗିରି ଓ ଉଦୟଗିରିକୁ ପର୍ଯ୍ୟଟକଙ୍କ ଆଗମନ ଲାଗି ରହୁଛି। ଏଥିସହ ସ୍ଥାନୀୟ ଅଞ୍ଚଳରେ ଥିବା ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ବଜାର ଓ କଲୋନୀକୁ ଖଣ୍ଡଗିରି ଛକଦେଇ ଲୋକେ ଯାତାୟାତ କରୁଛନ୍ତି। ଜାତୀୟ ରାଜପଥ ହୋଇଥିବାରୁ ଏହି ବାଟଦେଇ ପ୍ରତିଦିନ ଅସଂଖ୍ୟ ଗାଡ଼ିମୋଟର ଚଳାଚଳ କରୁଛି। ଟ୍ରାଫିକ ପୋଷ୍ଟରେ ଟ୍ରାଫିକ ପୋଲିସ ଜଗୁଥିଲେ ମଧ ଭିଡ ସମ୍ଭାଳିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ରାତି ସମୟରେ ଶ୍ରମିକ ମାନେ ଓଭରବ୍ରିଜ୍ କାର୍ଯ୍ୟ କରୁଥିବାରୁ କମିଶନରେଟ୍ ପୋଲିସ ପକ୍ଷରୁ ଗାଡି ଚଳାଚଳ ଉପରେ କିଛି ପ୍ରତିବନ୍ଧକ ଲଗାଯାଇଛି। କୋଳଥିଆରୁ ବରମୁଣ୍ଡା ଓଭରବ୍ରିଜ ଆରମ୍ଭ ଯାଏ ୱାନ୍ ୱେ କରାଯାଉଛି। ଏହା ସାଙ୍ଗକୁ ବେଆଇନ ପାର୍କିଂ ବୋଝ ଉପରେ ନଳିତା ବିଡା ସଦୃଶ ହେଉଛି। ରମାମଣୀ ପେଟ୍ରୋଲ ପମ୍ପ ସାମ୍ନା ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ବସ୍ ପାର୍କିଂ ହୋଇ ରହୁଛି। ଦିନରେ ବିଭିନ୍ନ ସ୍ଥାନରୁ ଆସିଥିବା ବସ୍ ରାତି ସମୟରେ ଏହିଠାରେ ତେଲ ପକାଇବା ସହ ଗାଡିକୁ ରାସ୍ତା ପାର୍ଶ୍ୱରେ ପାର୍କିଂ କରି ରଖୁଛନ୍ତି। ରାସ୍ତା ଦୁଇ ପାର୍ଶ୍ୱର ଅଧାରୁ ଅଧିକ ଜାଗା ଏହି ବେଆଇନ ବସ୍ ପାର୍କିଂରେ ଯାଉଛି। ରାତି ସମୟରେ ଭୁବନେଶ୍ୱରରୁ ଦୂର ସ୍ଥାନକୁ ବସ୍ ଓ ଟ୍ରକ୍ ଚଳାଚଳ କରୁଛି। ଏମିତିକି ଅସଂଖ୍ୟ ମାଲବାହୀ ଟ୍ରକ୍ , କଣ୍ଟେନର ଆସୁଛି। ତେଣୁ ରାତି ୯ଟା ପରେ ଟ୍ରାଫିକ ଜାମ୍ ଅସମ୍ଭାଳ ହୋଇପଡୁଛି। ଜାତୀୟ ରାଜପଥ ଉପରେ ବସ୍, ଟ୍ରକ୍, କାର୍ ବହୁ ସମୟ ଧରି ଲମ୍ବା ଲାଇନରେ ଛିଡା ହୋଇ ରହୁଥିବାରୁ ଦୀର୍ଘ ସମୟ ଟ୍ରାଫିକ ଜାମ୍ ହେଉଛି। ସାଧାରଣ ଲୋକଙ୍କଠାରୁ ଆମ୍ବୁଲାନ୍ସ ମଧ ଘଣ୍ଟା ଘଣ୍ଟା ଧରି ଜାମ୍‌ରେ ଫସି ରହୁଥିବା ଦେଖିବାକୁ ମିଳୁଛି।



ଭିଡ଼ରେ ଫସି ରହିଛି ଆମ୍ବୁଲାନ୍ସ।

**ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍**

- ଖଣ୍ଡଗିରି ଛକରେ ଜଟିଳ ସ୍ଥିତି, ବେଖିଆଲ ପୋଲିସ
- ଦିନଠାରୁ ରାତିରେ ଯନ୍ତ୍ରଣା ୧୦ ଗୁଣା
- ଦୀର୍ଘ ସମୟ ଫସି ରହୁଛି ଆମ୍ବୁଲାନ୍ସ



ଖଣ୍ଡଗିରି ଛକ ନିକଟରେ ବେଆଇନଭାବେ ପାର୍କିଂ ହୋଇଥିବା ଗାଡି।

## ‘ବେଆଇନ ପାର୍କିଂ ଉପରେ ଜରିମାନା ହେବ’



ଟ୍ରାଫିକ୍ ଏସିପି ସ୍ୱସ୍ତିକ୍ ପଣ୍ଡା କହିଛନ୍ତି, ଖଣ୍ଡଗିରି ନିକଟରେ ଫ୍ଲାଏଓଭର ବ୍ରିଜ୍ କାର୍ଯ୍ୟ ଚାଲୁଥିବାରୁ ରାସ୍ତା ଅଣଓସାରିଆ ହୋଇଯାଇଛି। ଫଳରେ ଟ୍ରାଫିକ୍ ଭିଡ ରହୁଛି। ବେଆଇନ ପାର୍କିଂ କରାଯାଉଥିବା ନେଇ ଆମ ନଜରକୁ ଆସି ନ ଥିଲା। ଏଣିକି ଯାଞ୍ଚ କରାଯିବା ସହ ବେଆଇନ ପାର୍କିଂ କରିଥିବା ଗାଡ଼ି ଚାଳକଙ୍କ ଉପରେ ଜରିମାନା ଲାଗୁ କରାଯିବ। ରାସ୍ତା କଡରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଗାଡିଗୁଡିକୁ ଏନ୍‌ଫୋର୍ସମେଣ୍ଟ ଟିମ୍ ତୁରନ୍ତ ହଟାଇବାର ବ୍ୟବସ୍ଥା ହେବ।

## ଦିନକୁ ୫ରୁ ଅଧିକ ଦୁର୍ଘଟଣା

ଟ୍ରାଫିକ ସମସ୍ୟାରୁ ପ୍ରତିଦିନ ଖଣ୍ଡଗିରି ଟ୍ରାଫିକ ନିକଟରେ ଦୁର୍ଘଟଣା ବଢିବାରେ ଲାଗିଛି। ପ୍ରତିଦିନ ଏହି ସ୍ଥାନରେ ଛୋଟ ବଡ ପ୍ରାୟ ୫ରୁ ଅଧିକ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ବେଆଇନ ପାର୍କିଂ ଓ ଓଭରବ୍ରିଜ୍ କାର୍ଯ୍ୟ ଚାଲୁଥିବାରୁ ଗାଡି ମୋଟର ଯିବାପାଇଁ ବହୁତ କମ୍ ରାସ୍ତା ବଞ୍ଚୁଛି। ସେଥିରେ ମଧ କିଏ କେଉଁ ପଟେ ଗାଡି ନେଇ ଯାଉଛି ଜଣା ପଡୁନାହିଁ। ଫଳରେ ଗାଡିଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ନିକଟରେ ନୟାଗଡ ଅଞ୍ଚଳର ଜଣେ ବ୍ୟକ୍ତି ବାଇକ ନେଇ ଯାଉଥିବା ସମୟରେ ତାଙ୍କ ଉପରେ ବସ୍ ଚଢିଯିବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା।

## କରୋନା ଗାଇଡ୍‌ଲାଇନ ପାଳନ ପାଇଁ ପଦକ୍ଷେପ

**କଟକ ଅଫିସ, ୨୧।୨**

- ଆଜିଠାରୁ ମାଇକ୍‌ରେ ସଚେତନ କରାଯିବ
- ୨ ସ୍ୱତନ୍ତ୍ର ଟିମ୍ ଗଠନ

ବିଭିନ୍ନ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଓଡ଼ିଶା ସରକାର ଏଥିପାଇଁ ତତ୍ପର ହୋଇପଡିଛନ୍ତି। କରୋନା କଟକଣାକୁ କଡାକଡି ପାଳନ କରିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି)ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମାକୁ ଆଧାର କରି କଟକ ମହାନଗର ନିଗମ(ସିଏମ୍‌ସି) କମିଶନରଙ୍କ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ଗାଇଡ୍‌ଲାଇନକୁ କଡାକଡି ପାଳନ କରିବା ପାଇଁ ଡେପୁଟି କମିଶନର ଅବିନାଶ ରାଉତଙ୍କ ଅଧକ୍ଷତାରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଟିମ୍-ଏରେ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ରହିଥିବାବେଳେ ଟିମ୍ ଲିଡର ଭାବେ ପଞ୍ଚାନନ ପାଲଙ୍କ ସମେତ ୫ଜଣ ରହିଛନ୍ତି। ସେହିପରି ଟିମ୍-ବିରେ ଅଧିକାରୀ ପରେଶ କୁମାର ନାୟକ ରହିଥିବାବେଳେ ଟିମ୍ ଲିଡର ଭାବେ ରଞ୍ଜିତ୍ କୁମାର ସାହୁଙ୍କ ସମେତ ୫ ଜଣ ରହିଛନ୍ତି। ଏହି ଦୁଇଟି ଟିମ୍ ୪ଟି ଗାଡିରେ ମାଇକ ଯୋଗେ ପ୍ରଚାର କରି କରୋନାରୁ କିପରି ନିଜକୁ ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ସହରବାସୀଙ୍କୁ ସଚେତନ କରାଇବେ। ସୋମବାର ସକାଳ ୮ଟା ୩୦ ମିନିଟ୍‌ରୁ ସିଏମ୍‌ସି ଅଞ୍ଚଳରେ ଏହି ପ୍ରଚାର କାର୍ଯ୍ୟ ଆରମ୍ଭ ହେବ। ମୁଖ୍ୟତଃ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ସାନିଟାଇଜର ବ୍ୟବହାର କରିବା ପାଇଁ ପ୍ରଚାର ମାଧମରେ ଲୋକଙ୍କୁ ସଚେତନ କରାଯିବ। ବିଭିନ୍ନ ଦୋକାନରେ ବ୍ୟକ୍ତିମାନେ ଯଦି ମାସ୍କ ପରିଧାନ ସହ ସାମାଜିକ ଦୂରତା ରକ୍ଷା ନ କରନ୍ତି ତେବେ ଆବଶ୍ୟକ ସ୍ଥଳେ ଦୋକାନ ସିଲ୍ କରିଯିବ। ଏଥି ସହିତ ବଜାର, ଧାର୍ମିକ ଅନୁଷ୍ଠାନ, ବାହାଘର କିମ୍ବା ସାମାଜିକ ଅନୁଷ୍ଠାନରେ ଯଦି କରୋନା କଟକଣା ଭଙ୍ଗ ହୋଇଥାଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡେପୁଟି କମିଶନର ରାଉତ କହିଛନ୍ତି।



ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ରବିବାର ସମାଜ ଆନ୍ଦୋଳନ ଓ ମୋ ଭାଷା ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ଓଡ଼ିଆ ଜନଜାଗରଣ ଯାତ୍ରା।

## ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି ସଭା

**କଟକ ଅଫିସ, ୨୧।୨**

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ଉପଲକ୍ଷେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଉଦ୍ଦେଶ୍ୟରେ ବିଭିନ୍ନ ଗାନ୍ଧୀବାଦୀ ସଙ୍ଗଠନ ପକ୍ଷରୁ କଟକ ଗାନ୍ଧୀଭବନଠାରେ ରବିବାର ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଆସନ୍ତା ମାର୍ଚ୍ଚ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରର ଗାନ୍ଧୀ ବିଦ୍ୱାନମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ। ସେହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗାନ୍ଧୀ ଦର୍ଶନଭିତ୍ତିକ ଚିତ୍ରାଙ୍କନ ପ୍ରତିଯୋଗିତା ହେବ। ଏଥିସହ ଓଡ଼ିଆ ଭାଷାରେ ଗାନ୍ଧିଜୀଙ୍କ ଉପରେ ଆଧାରିତ ଦୁଇଟି ଚଳଚ୍ଚିତ୍ର ପ୍ରସ୍ତୁତ କରାଯିବ। କଟକ ଜିଲାରେ ୧୦ଟି ଗ୍ରାମ ସ୍ୱରାଜ ଭିତ୍ତିକ ଗାନ୍ଧୀଗ୍ରାମ ବର୍ଷକ ମଧ୍ୟରେ ନିର୍ମାଣ କରାଯିବା ପାଇଁ ଉକ୍ତ ସଭାରେ ନିଷ୍ପତ୍ତି ହୋଇଥିଲା। ଏହି ଆଲୋଚନାରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର କାର୍ଯ୍ୟକାରୀ ସଭାପତି ଡ. ସତ୍ୟ ରାୟ, ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ଯୁଗଳ କିଶୋର ନାୟକ, ଶଶୀଭୂଷଣ ଦାସ, ପ୍ରଶାନ୍ତ ଦାସ, ହରିହର ସେନ, ଡ. ସେକ୍ କଲିମୁଲ୍ଲା, ମାନସ ପଟ୍ଟନାୟକ, ରବି ନାରାୟଣ ରଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ଡ. ବିଶ୍ୱଜିତ ଧନ୍ୟବାଦ ଦେଇଥିଲେ।

## ଘରେ ନମ୍ବର ପ୍ଲେଟ୍ ଲଗାଇବା ଇଚ୍ଛାଧୀନ

**କଟକ ସଦର,୨୧।୨(ଡି.ଏନ.ଏ.)**

କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ଏକ ନିର୍ଦ୍ଦିଷ୍ଟ ସ୍ୱେଚ୍ଛାସେବୀ ସଂସ୍ଥା ଘର ଘର ବୁଲି ନମ୍ବର ପ୍ଲେଟ୍ ଲଗାଉଥିବା ଦେଖିବାକୁ ମିଳିଛି। ଏଥିପାଇଁ ଘର ମାଲିକଙ୍କଠାରୁ ୨୦ ଟଙ୍କା ଆଦାୟ କରାଯାଉଛି। ଏହାକୁ ନେଇ କଟକ ସଦର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। କାରଣ ଉକ୍ତ ସଂସ୍ଥାର ସ୍ୱେଚ୍ଛାସେବୀମାନେ ସାଧାରଣ ଲୋକଙ୍କୁ ବିଡିଓଙ୍କର ଏକ ଚିଠି ଦେଖାଉଛନ୍ତି। ସେଥିରେ ଘରେ ନମ୍ବର ପ୍ଲେଟ୍ ଲଗାଇବା ପାଇଁ କୁହାଯାଉଛି। ହେଲେ ଘରେ ନମ୍ବର ପ୍ଲେଟ ଲଗାଇବା ଘର ମାଲିକଙ୍କ ପାଇଁ ଇଚ୍ଛାଧୀନ ବୋଲି ବିଡିଓ ରାଜୀବ ଲୋଚନ ପରିଡା ଜଣାଇଛନ୍ତି। ଏଥିପାଇଁ କାହାରିକୁ ବାଧ କରାଯିବାନହିଁ। ସ୍ଥାନୀୟ ସରପଞ୍ଚମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ବିଡିଓ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଭୋଟର ତାଲିକାରେ ଘର ନମ୍ବରକୁ ଆଧାର କରି ଏହି ପ୍ଲେଟ୍ ପ୍ରସ୍ତୁତ କରାଯାଇଛି। ମାତ୍ର ଅଭିଯୋଗକାରୀମାନେ କହିଛନ୍ତି, ୨୦୧୬ରେ ମଧ ଏକ ସଂସ୍ଥା ଘର ନମ୍ବର ପ୍ଲେଟ ବାଣ୍ଟି ୧୫ ଟଙ୍କା ନେଇଥିଲା। ଏହା କୌଣସି କାମରେ ଆସୁନାହିଁ। ଉକ୍ତ ବ୍ଲକର ୧୫ଟି ପଞ୍ଚାୟତ କଟକ ମହାନଗର ନିଗମରେ ଅନ୍ତର୍ଭୁକ୍ତ ହେବା ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି। ଏହି ପରିସ୍ଥିତିରେ ଘର ନମ୍ବର କରାଯିବା ନିରର୍ଥକ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

## ରାଇଜିଂ ସ୍ପୋର୍ଟିଂ ଚାମ୍ପିୟନ

**ଚୌଦ୍ୱାର,୨୧।୨(ଡି.ଏନ୍.ଏ.)**

**ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ କପ୍ କ୍ରିକେଟ ଟୁର୍ନାମେଣ୍ଟ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶଙ୍କରପୁରଠାରେ ଚାଲିଥିବା ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କଟକର ରାଇଜିଂ ସ୍ପୋର୍ଟିଂ ଓ ପୁରୀର ପାୟୋନିୟର ସ୍ପୋର୍ଟିଂ ମଧ୍ୟର ଅନୁଷ୍ଠିତ ହୋଇଥିଲା। ପାୟୋନିୟର ଟିମ୍ ୨୯.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୦ ରନ୍ କରିଥିଲା। ଜବାବରେ ରାଇଜିଂ ସ୍ପୋର୍ଟିଂ ୨୫.୩ ଓଭରରେ ୫ ଉଇକେଟ ହରାଇ ୧୭୧ ରନ୍ କରି ଚାମ୍ପିୟନ୍ ହୋଇଥିଲା। ରାଇଜିଂ ଟିମ୍‌ର ସିଦ୍ଧାନ୍ତ ସିନ୍ହା ମ୍ୟାନ୍ ଅଫ ଦ ମ୍ୟାଚ୍, ରାଜେଶ ବେହେରା ମ୍ୟାନ୍ ଅଫ ସିରିଜ ହୋଇଥିବାବେଳେ ବେଷ୍ଟ ବୋଲର ଭାବେ ପାୟୋନିୟର ଟିମ୍‌ର ଅୟସକାନ୍ତ ମହାନ୍ତି ମନୋନୀତ ହୋଇଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ବ୍ଲକ ଅଧକ୍ଷା ଜୟଶ୍ରୀ ପ୍ରଧାନ, ବି.ସି. ମହାନ୍ତି, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ସେକ୍ ସାହାଜାନ୍, ସ୍ଥାନୀୟ ସରପଞ୍ଚ ସୁକାନ୍ତ ରାଉତ, ସମିତି ସଭ୍ୟା ବୀଣାପାଣି ହାତୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଟିମ୍‌କୁ ଅର୍ଥ ଓ ଟ୍ରଫି ପ୍ରଦାନ କରିଥିଲେ। ସୁନୀଲ ରାଉତ, ରଞ୍ଜନ ପରିଡ଼ା, ଅଭିରାମ ଲେଙ୍କା, ସଦାନନ୍ଦ ରାଉତ, ରମେଶ ସାହୁ, କାହ୍ନୁ ଓଝା, ପ୍ଲାବନ ରାଉତ, ପ୍ରଶାନ୍ତ ହାତୀ, ରମେଶ ହାତୀ, ପ୍ରମୋଦ ସାହୁ, ବୈଦ୍ୟନାଥ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।

## ସମାଜ ପ୍ରଗତିରେ କବି, ସାହିତ୍ୟିକଙ୍କ ଭୂମିକା ରହିଛି

**କଟକ ଅଫିସ,୨୧।୨**

ସାଂସ୍କୃତିକ ଅନୁଷ୍ଠାନ ନୂଆ ପୃଥିବୀ ପକ୍ଷରୁ ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କବିତା ପାଠୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଧାପିକା ବିଜୟଲକ୍ଷ୍ମୀ ଦାସ ଯୋଗଦେଇ ସମାଜ ପ୍ରଗତିରେ ସାହିତ୍ୟିକ, କବି ଓ କଳାକାରମାନଙ୍କ ମୂଳ ଭୂମିକା ରହିଛି ବୋଲି କହିଥିଲେ। ଅନୁଷ୍ଠାନର ସଂଯୋଜକ ଅକ୍ଷୟ ରାଉଳ, ସମ୍ପାଦକ ଅର୍ଜ୍ଜୁନ ଜେନା, ନାଟ୍ୟକାର ଅଭୟ ଦାସ, ଅକ୍ଷୟ ଷଡଙ୍ଗୀ ଯୋଗଦେଇ କବିତା ମାଧମରେ ସମାଜର ବ୍ୟଥା, ବେଦନା କଥା ପ୍ରକାଶିତ ହେଲେ ସମାଜର ପରିବର୍ତ୍ତନ ହୋଇପାରିବ ବୋଲି ମତ ଦେଇଥିଲେ। ଆକାଶବାଣୀ କଟକର ଉଦ୍‌ଘୋଷକ କବି ବିଶ୍ୱମିତ୍ରା ମିଶ୍ର ଉତ୍ସବରେ ସଂଯୋଜନା କରିଥିଲେ। ଏହି ଅବସରରେ କବି ବ୍ରହ୍ମାନନ୍ଦ ମହାନ୍ତି, ଦାଶରଥି ସ୍ୱାଇଁ, ଦେବୀ ପ୍ରସାଦ ପରିଜା, ସୁଷମା ପଣ୍ଡା, ପ୍ରିୟରଞ୍ଜନ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ।

## ଖୁବ୍‌ଶୀଘ୍ର ଆରମ୍ଭ ହେବ ବସ୍ ଟର୍ମିନାଲ କାମ

**କଟକ ଅଫିସ, ୨୧।୨**

**ସ୍ୱତନ୍ତ୍ର ମନ୍ଦିର କମ୍ପ୍ଲେକ୍ସ ନିର୍ମାଣ କରାଯିବ**

ମା’ ଶ୍ମଶାନକାଳୀ ମନ୍ଦିରର ଉନ୍ନତୀକରଣ ସହ ନେତାଜୀ ବସ୍ ଟର୍ମିନାଲ କାର୍ଯ୍ୟ ଆରମ୍ଭ କରାଯିବା ନେଇ କଟକ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ପ୍ରସ୍ତାବିତ ନେତାଜୀ ବସ ଟର୍ମିନାଲ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ। ଏଥିସହ ମନ୍ଦିର ଉନ୍ନତୀକରଣ କାର୍ଯ୍ୟକୁ ପ୍ରାଥମିକତା ଦିଆଯିବ। ଏଥିସହ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୨କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନକୁ ମନ୍ଦିରର ସୁରକ୍ଷା ଓ ଆବଶ୍ୟକ ପଦକ୍ଷେପ ଅନୁଯାୟୀ ସ୍ୱତନ୍ତ୍ର ମନ୍ଦିର କମ୍ପ୍ଲେକ୍ସ ନିର୍ମାଣ କରାଯିବ ବୋଲି ଜିଲାପାଳ କହିଥିଲେ। ଓବିସିସି ଏବଂ ପୂର୍ତ୍ତ ବିଭାଗ ସମସ୍ତ ନିର୍ମାଣ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତି କରିଥିବା ବୈଠକରୁ ଜଣାପଡିଛି। ଏହି ବୈଠକରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ମନ୍ଦିର ପୂଜକ, ଧାର୍ମିକ ଅନୁଷ୍ଠାନ ଓ ସ୍ଥାନୀୟ ଲୋକ ଉପସ୍ଥିତ ରହି ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଗୀତିକବି ସମାଜର ବାର୍ଷିକ ଅଧିବେଶନ

# ‘କବିତାର ଆତ୍ମା ଗୀତିକବିତା’

**କଟକ ଅଫିସ, ୨୧।୨**

କଟକ ଶତାବ୍ଦୀ ଭବନଠାରେ ଓଡ଼ିଆ ଗୀତିକବି ସମାଜର ୨୮ ତମ ବାର୍ଷିକ ଅଧିବେଶନ, ସାରସ୍ୱତ ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଗୀତିକବି ସମାଜର ସଭାପତି ମନୋଜ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କବି ଡ. ଫନୀ ମହାନ୍ତି ଯୋଗଦେଇ କହିଥିଲେ, ଗୀତିକବିତା ତା’ର ସ୍ୱର, ଲୟ, ଛନ୍ଦରେ ହୃଦୟକୁ ଆଲୋଡ଼ିତ କରିଥାଏ। ସେହିପରି ସମ୍ମାନିତ ଅତିଥି ଭାବେ ଶିଶୁସାହିତ୍ୟିକ ଓ କଥାଶିଳ୍ପୀ ଦାଶ ବେନହୁର ଯୋଗଦେଇ ଗୀତିକବିତାକୁ କବିତାର ଆତ୍ମା ବୋଲି କହିଥିଲେ। ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ପ୍ରଫୁଲ୍ଲ କୁମାର ଦାଶଙ୍କୁ ଭରଦ୍ୱାଜ ସମ୍ମାନ, ଯୋଗାନନ୍ଦ ସାହୁଙ୍କୁ ଓଡ଼ିଆ ଗୀତିକବି ସମାଜ ସମ୍ମାନ, ବସନ୍ତ ଦାସଙ୍କୁ ଜିତେନ୍ଦ୍ର ପଟ୍ଟନାୟକ ଗୀତିକବି ସମ୍ମାନ, ଶ୍ୟାଣ୍ଡିଲ୍ୟ ପ୍ରଫୁଲ୍ଲ ପଟ୍ଟନାୟକଙ୍କୁ ବିନୋଦିନୀ ପଟ୍ଟନାୟକ ଗୀତିକବି ସମ୍ମାନ, ବାବାଜୀ ଚରଣ ବଳଙ୍କୁ ନୀରଦପ୍ରଭା ଗୀତିକବି ସମ୍ମାନ, ପ୍ରଦୀପ କୁମାର ଷଡ଼ଙ୍ଗୀଙ୍କୁ ଅନ୍ନପୂର୍ଣ୍ଣା ନନ୍ଦ ଗୀତିକବି ସମ୍ମାନ, ପ୍ରଫୁଲ୍ଲ କୁମାର ମିତ୍ରଙ୍କୁ ଅନ୍‌ମୋଲ ସଙ୍ଗୀତ ନିର୍ଦ୍ଦେଶନା ସମ୍ମାନ, ଆରତି ଗୋସ୍ୱାମୀଙ୍କୁ ଆୟୁଷ କଣ୍ଠଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଥିଲା। ଆୟୋଜିତ କବିତା ପାଠୋତ୍ସବରେ କବି ଡ. ଶତ୍ରୁଘ୍ନ ପାଣ୍ଡବ ଯୋଗଦେଇ ଗୀତିକବିତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ଡ. ଲିଙ୍ଗରାଜ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନକୁ ବାବାଜୀ ଚରଣ ଜେନା ସଞ୍ଚାଳନ କରିଥିଲେ। ଡ. ନାରାୟଣ ପ୍ରସାଦ ଜେନା, ପ୍ରେମଚାନ୍ଦ ମହାନ୍ତି କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଗୀତିକବି ଗୀତିକବିତା ପାଠ କରିଥିଲେ। ଏଥିସହ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ‘ମନ ମୋର ଢେଉଢେଉକା’, ସଚ୍ଚି ମହାନ୍ତିଙ୍କ ‘ଜହ୍ନର ବୋଇତ’, ଯୋଗାନନ୍ଦ ସାହୁଙ୍କ ‘ଫେରୁଫେରୁ ସଞ୍ଜ’, ହଳଧର ସୂତାରଙ୍କ ‘ପ୍ରିୟ ଓ ପ୍ରିୟତମା’, ବସନ୍ତ ଦାସଙ୍କ ‘ଜହ୍ନ ଠାରିଦେଲା ମୋତେ’ ଓ ‘ଏକାନ୍ତରେ ଏକାଏକା’, ପ୍ରଫୁଲ୍ଲ ଜେନାଙ୍କ ‘ଆମେ ଗାଇବା ଆମରି ଗୀତ’, ବାବାଜୀ ଚରଣ ଜେନାଙ୍କ ‘ଚିତ୍ରରେ ଚିତ୍ରଲେଖା’, ମାଳତୀ ନାଥଶର୍ମାଙ୍କ ‘ସର୍ଜନା’, କିଶୋର ମହାନ୍ତିଙ୍କ ‘ଜହ୍ନରାତିର ଗୀତି’ ଏବଂ ବଂଶୀଧର ସେଠୀଙ୍କ ‘ପ୍ରିୟତମା’ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରଥିଲେ। ଅନୁଷ୍ଠାନର ଉପଦେଷ୍ଟା ଗୌରହରି ଦଳାଇ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଅଧିବେଶନରେ ଡ. ପ୍ରଫୁଲ୍ଲ କୁମାର ଦାଶଙ୍କୁ ଭରଦ୍ୱାଜ ସମ୍ମାନ ପ୍ରଦାନ କରାଯାଉଛି।

**ସାଲେପୁର କପ୍ ଫୁଟବଲ: ସେମିରେ ଇଲେଭେନ ଷ୍ଟାର**

ସାଲେପୁର, (ଡି.ଏନ୍.ଏ.)-ସାଲେପୁର ଫୁଟବଲ ଆସୋସିଏଶନ୍ ପକ୍ଷରୁ ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ଇଲେଭେନଷ୍ଟାର କ୍ଲବ ୫-୧ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଖେଳ ପଡ଼ିଆରେ ଆୟୋଜିତ ଏହି ମ୍ୟାଚ ପାଞ୍ଚଗାଁ ଫୁଟବଲ କ୍ଲବ ଟିଗିରିଆ ଓ ଇଲେଭେନ ଷ୍ଟାର ମଧ୍ୟରେ ହୋଇଥିଲା। ମୁଖ୍ୟଅତିଥିଭାବେ ସାଲେପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫେରି ସଞ୍ଜିବ ଦାଶ, ପ୍ରଦୀପ ଦାସ ଓ ରସାନନ୍ଦ ସାମଲ ଖେଳ ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀ ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ପାୱାର ହାଉସ ଛକ, ସକାଳ ୯ଟା।
- . ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ ପକ୍ଷରୁ ରାଲି, ଲୋୟର ପିଏମ୍‌ଜି ଛକ, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା ଉତ୍ସବ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

## ସଂକ୍ଷେପରେ

### ପ୍ରାଥମିକ ସ୍ତରରୁ ଭାଷା ସୁରକ୍ଷା ଆନ୍ଦୋଳନ ଜରୁରୀ

**ବାଲିପାଟଣା, ୨୧।୨(ଡି.ଏନ୍.ଏ.)-** ବାଲିପାଟଣା ବ୍ଲକ ଶିକ୍ଷାମଣ୍ଡଳ ଅଧୀନ ବିଶ୍ୱନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ପ୍ରଭାସିନୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରାଥମିକ ସ୍ତରରୁ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ଜାରି ରହିଲେ, ଆମ ମାତୃଭାଷା କାଳଜୟୀ ହୋଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି। ଦୂରଭାଷ ମାଧ୍ୟମରେ ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରମାନଙ୍କୁ ମାତୃଭାଷା ଦିବସ ଉପରେ ସଚେତନ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ରାଉତ, ଶ୍ୱାତି, ସୁଚରିତା ପାଇଟାଳ, ନୟନା କୁମାରୀ ଜେନା ଓ ସୁକାନ୍ତି ଟୁଡୁ ପ୍ରମୁଖ ପ୍ରାଥମିକ ସ୍ତରରୁ ମାତୃଭାଷାକୁ ବଞ୍ଚାଇ ରଖିବାକୁ ଶପଥ ନେଇଥିଲେ।

### ଜାତୀୟସ୍ତରୀୟ ବାଗ୍ମିତା ପ୍ରତିଯୋଗିତା ଯୁଗ୍ମ

**ବାଲିଅନ୍ତା, ୨୧।୨(ଡି.ଏନ୍.ଏ.)-** ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପରିସରରେ ରବିବାର ୫ମ ବାର୍ଷିକ ଜାତୀୟସ୍ତରୀୟ ବାଗ୍ମିତା ପ୍ରତିଯୋଗିତା ଯୁଗ୍ମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମାଙ୍କ ଜନ୍ମ ଦିବସ ଅବସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୮୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ଅଧକ୍ଷ ଡ. ବିରଞ୍ଚି ନାରାୟଣ ମହାପାତ୍ର ଯୋଗଦେଇଥିଲେ। ଜୁରୀ ମେମ୍ବର ଭାବେ ଡ. ଅଶୋକ ମଙ୍ଗରାଜ, ଭାଗୀରଥି ମହାପାତ୍ର ଓ ପ୍ରଫେସର ଡ.ଶର୍ମିଳା ସୁବ୍ରମନିୟନ ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କଟକ ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡା.ଜୟନ୍ତ ପଣ୍ଡା ଯୋଗଦେଇ ଶ୍ରୀମାଙ୍କ ଚେତନା ଯୁବପିଢ଼ିଙ୍କ ପାଇଁ ପ୍ରେରଣା ଦେବା ସହ ଶିକ୍ଷା ଓ ଆଧାତ୍ମିକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରସାଦ ତ୍ରିପାଠୀ, ଅନୁଷ୍ଠାନ ଚେୟାରମ୍ୟାନ ରୋଟାରିଆନ ବିଜୟ ପାତ୍ର ଓ ସମ୍ପାଦକ ଡ.ବଙ୍କିମ ମହାନ୍ତି ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାକୁ ପ୍ରଫେସର ସବ୍ୟସାଚୀ ପ୍ରଧାନ, ପ୍ରଫେସର ଜିନାଶିଷ ମହାନ୍ତି, ପ୍ରଫେସର ନନ୍ଦିତା ମହାପାତ୍ର, ଅଭିପ୍ସା ମିଶ୍ର ପରିଚାଳନା କରିଥିଲେ। ଡ.ତ୍ରିଲୋଚନ ନାୟକ ଧନ୍ୟବାଦ ଦେଇଥିଲେ।

### ବସ୍ତିକୁ ଚାଲ ଅଭିଯାନ: ଏୟାରଫିଲ୍ଡ ଥାନା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର,୨୧।୨(ବ୍ୟୁରୋ):** ବସ୍ତିରୁ ଆପରାଧିକ କାର୍ଯ୍ୟକଳାପ ଓ ଅସାମାଜିକ ଲୋକଙ୍କ ଉତ୍ପାତ କମାଇବା ପାଇଁ କମିଶନରେଟ ପୋଲିସ ପକ୍ଷରୁ 'ବସ୍ତିକୁ ଚାଲ ଅଭିଯାନ' ଦ୍ୱାରା ବିଭିନ୍ନ ଗଠନ ମୂଳକ କାର୍ଯ୍ୟ ଜାରି ରହିଛି। ରବିବାର ଏୟାରଫିଲ୍ଡ ଥାନା ପୋଲିସ ଓ ହାଇଟେକ୍ ମେଡିକାଲର ମିଳିତ ସହଯୋଗରେ ଅଭିରାମ ବସ୍ତିରେ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ନର୍ସ, ଡାକ୍ତରଙ୍କ ସମେତ ୩୦ରୁ ଅଧିକ ମେଡିକାଲ କର୍ମଚାରୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୩୨୫ଜଣଙ୍କ ରକ୍ତ, ଇସିଜି, ବ୍ଲଡ ପ୍ରେସର, ସୁଗାର ଆଦି ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିବା ଥାନା ଅଧିକାରୀ ଦୀପକ ମିଶ୍ର କହିଛନ୍ତି। ହାଇଟେକ୍ ମେଡିକାଲ କୋଅର୍ଡିନେଟର ଗୀତାଞ୍ଜଳି ପଣ୍ଡା ଶିବିର ପରିଚାଳନା କରିଥିଲେ।

# ଓଁକାର ଧ୍ୱନିରେ କମ୍ପୁଛି ଖଣ୍ଡଗିରି

## କୁମ୍ଭମେଳାର ତୃତୀୟ ଦିବସ

**ଭୁବନେଶ୍ୱର, ୨୧।୨ (ବ୍ୟୁରୋ)**

ଐତିହ୍ୟ ଖଣ୍ଡଗିରି ପାହାଡ଼ରେ ଆରମ୍ଭ ହୋଇଥିବା ପ୍ରସିଦ୍ଧ କୁମ୍ଭମେଳା ରବିବାର ତୃତୀୟ ଦିନରେ ପହଞ୍ଚିଛି। କାଶୀ, ହରିଦ୍ୱାର, ବନାରସ, ନାସିକ ଆଦି ଦେଶର ବିଭିନ୍ନ ଧର୍ମସ୍ଥଳରୁ ହଜାର ହଜାର ସାଧୁସନ୍ଥ ମେଳାରେ ଯୋଗ ଦେଇଛନ୍ତି। ଶନିବାର ଯଜ୍ଞବେଦିରେ ଅଗ୍ନି ସଂଯୋଗ ପରେ ହୋମ ଯଜ୍ଞ ଚାଲିଛି। ଓଁକାର ଧ୍ୱନିରେ ପ୍ରକମ୍ପିତ ହେଉଛି ଖଣ୍ଡଗିରିର ଖଣ୍ଡମଣ୍ଡଳ। ଏଥର କରୋନା କଟକଣା ଯୋଗୁ ଯାତ୍ରା ଓ ଦୋକାନ ବଜାର ବନ୍ଦ ରହିଥିଲେ ମଧ୍ୟ ଲୋକଙ୍କୁ ଟାଣି ଆଣୁଛି କୁମ୍ଭମେଳା। ଲୋକେ ମେଳାକୁ ଯାଇ ସାଧୁସନ୍ୟାସୀଙ୍କଠାରୁ ଆଶୀର୍ବାଦ ନେଉଛନ୍ତି। ଏଥିସହ ସାଧୁଙ୍କ ନିଷ୍ଠା, ତପସ୍ୟା ଓ ଜୀବନ କାହାଣୀ ଶୁଣି ଆତ୍ମତୃପ୍ତି ଲାଭ କରୁଛନ୍ତି।



## ୫ ହଜାର ରୁଦ୍ରାକ୍ଷଧାରୀ ଦିଗମ୍ବର ବମ୍ ବମ୍ ପୁରୀ



ମେଳାରେ ଆକର୍ଷଣ ସାଜିଥିବା ନାଗା ସାଧୁଙ୍କ ମଧ୍ୟରେ ଅନ୍ୟତମ ହେଉଛନ୍ତି ରୁଦ୍ରାକ୍ଷଧାରୀ ସାଧୁ। ଦେହ ଓ ମୁହଁରେ ବିଭୂତି ସାଙ୍ଗକୁ ରୁଦ୍ରାକ୍ଷର ମାଳା ଦେହରେ ଲୋଟିପଡୁଛି। କାଶୀରୁ ଆସିଥିବା ଏହି ସାଧୁଙ୍କ ନାମ ହେଉଛି ଦିଗମ୍ବର ବମ୍ ବମ୍ ପୁରୀ। ମାତ୍ର ୭ବର୍ଷ ବୟସରେ ଘର ଛାଡି ଆଧାତ୍ମିକତା ଦିଗରେ ସେ ପାଦ ଦେଇଥିଲେ। ବର୍ତ୍ତମାନ ୭୦ବର୍ଷ ବୟସରେ ପହଞ୍ଚିଥିବା ଏହି ସାଧୁ ନିଜ ଦେହରେ ୫ହଜାରରୁ ଉର୍ଦ୍ଧ୍ୱ ରୁଦ୍ରାକ୍ଷ ଧାରଣ କରିଛନ୍ତି। କାଶୀର ସୂର୍ଯ୍ୟପୁରୀ ଆଶ୍ରମ, ଉଜ୍ଜୟିନୀ ଏବଂ ହିମାଚଳ ପ୍ରଦେଶରେ ରହୁଥିଲେ ମଧ୍ୟ ସେ ୧୯୯୭ରୁ ପ୍ରତି ବର୍ଷ ଖଣ୍ଡଗିରି କୁମ୍ଭମେଳାକୁ ଆସୁଛନ୍ତି। ଶ୍ରଦ୍ଧାଳୁଙ୍କୁ ବିଭୂତି ଦେଇ ଈଶ୍ୱରଙ୍କ ପାଖରେ ସେମାନଙ୍କ ମଙ୍ଗଳ କାମନା କରିବା ସହ ବିଶ୍ୱ ଶାନ୍ତି ପାଇଁ ପ୍ରତିବର୍ଷ ଯଜ୍ଞ କରୁଛନ୍ତି ବୋଲି ସେ କହିଛନ୍ତି।



ଶ୍ରଦ୍ଧାଳୁମାନେ ରୁଦ୍ରାକ୍ଷଧାରୀ ସାଧୁ ଦିଗମ୍ବର ବମ୍ ବମ୍ ପୁରୀଙ୍କଠାରୁ ଆଶୀର୍ବାଦ ନେଉଛନ୍ତି।

## ହରି ଓଁ ସାଧୁଙ୍କ ଆୟୁର୍ବେଦ ଚିକିତ୍ସା

ମେଳାରେ ଆଧାତ୍ମିକତାର ଦିବ୍ୟ ଜ୍ଞାନ ଦେବା ସହ ଲୋକଙ୍କ ସମସ୍ୟାର ସମାଧାନ କରୁଛନ୍ତି ଭୁବନେଶ୍ୱରର ହରିଓଁ ବାବା। ୧୯୯୧ରୁ ସେ ପ୍ରତିବର୍ଷ ମେଳାକୁ ଆସୁଛନ୍ତି। ଆଧାତ୍ମିକ ମାର୍ଗରେ ଯାଇ ଆଧାତ୍ମିକ ଚେତନା ଲାଭ କରିବା ପାଇଁ ସଂସାର ତ୍ୟାଗ କରିଥିଲେ। ତାଙ୍କ ମତରେ ସଂସାର ଓ ସାଧୁ ଉଭୟ ଉଭୟଙ୍କ ପାଇଁ। ବାବାଙ୍କ ପାଖକୁ ସମସ୍ୟା ନେଇ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସେ ବିଭିନ୍ନ ଉପାୟରେ ସମାଧାନର ବାଟ ବତାଉଛନ୍ତି। ପ୍ରଥମେ ଚିନ୍ତନ ମାଧ୍ୟମରେ ରୋଗ ସମ୍ପର୍କରେ ଜାଣିବା ପରେ ଆୟୁର୍ବେଦ କିମ୍ବା ଅନ୍ୟ ଉପାୟରେ ତାହାର ସମାଧାନ କରୁଛନ୍ତି ହରି ଓଁ ବାବା।

## ବିଶ୍ୱଶାନ୍ତି ପାଇଁ ସାଧୁଙ୍କ କଠୋର ବ୍ରତ



ମେଳାରେ ଷ୍ଟାଣ୍ଡିଂ ସାଧୁଙ୍କୁ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଥିବା ଦେଖିବାକୁ ମିଳିଛି। ହରିଦ୍ୱାରର ଏହି ସାଧୁ ପ୍ରଥମ କରି କୁମ୍ଭମେଳାକୁ ଆସିଛନ୍ତି। ୧୪ବର୍ଷରୁ ସଂସାର ତ୍ୟାଗ କରିବା ପରେ ସେ ଆଧାତ୍ମିକ ଚିନ୍ତନ ଆଡକୁ ଢଳିଥିଲେ। ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେ ଦିନରାତି ଠିଆ ହୋଇ ରହିଛନ୍ତି। ବିଶ୍ୱ ଶାନ୍ତି ପାଇଁ ନିଜ ଶରୀରକୁ ଏପରି ଦଣ୍ଡ ଦେଇ କଠୋର ବ୍ରତ ପାଳନ କରି ଆସୁଛନ୍ତି। ସେ କହିଛନ୍ତି, ଏହାକୁ କୁମ୍ଭ ମେଳା କୁହାଯିବ ନାହିଁ। ଏହା କେବଳ ଏକ ମେଳା, ଯେଉଁଥିରେ ସାଧୁ, ସନ୍ଥମାନେ ଏକତ୍ରିତ ହୋଇ ସମସ୍ତଙ୍କ ମଙ୍ଗଳ ପାଇଁ ଯଜ୍ଞ କରୁଛନ୍ତି। ଏଥିସହ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଉଛନ୍ତି।

# ଶଯ୍ୟାଶାୟୀ ଧ୍ରୁବଚରଣଙ୍କୁ ପ୍ରଶାସନର ସହାୟତା

**ଜଟଣୀ,୨୧।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ଅଧୀନ ୧୦ ନଂ. ୱାର୍ଡ ବଡ଼ନୂଆଗାଁ ମୌଜା ରଘୁନାଥନଗରରେ ଶଯ୍ୟାଶାୟୀ ଥିବା ଧ୍ରୁବଚରଣ ନାୟକ(୭୩)ଙ୍କୁ ସ୍ଥାନୀୟ ପ୍ରଶାସନ ସହାୟତାର ହାତ ବଢ଼ାଇଛି। ରବିବାର ଜଟଣୀ ପୌର ପରିଷଦର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଧ୍ରୁବଙ୍କ ଘରେ ପହଞ୍ଚି ଚିକିତ୍ସା ପାଇଁ ପ୍ରାଥମିକ ପଦକ୍ଷେପ ନେଇଛନ୍ତି। ରଘୁନାଥନଗର ୱାର୍ଡ ଅଫିସର ସତ୍ୟବ୍ରତ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଆମ୍ବୁଲାନ୍ସରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କର ଚିକିତ୍ସା କରାଯାଇଛି। ଏପରିକି ଅଧିକ ଚିକିତ୍ସା ଏବଂ ପରୀକ୍ଷା ନିମନ୍ତେ ଖୋର୍ଦ୍ଧା ଜିଲା ହସ୍ପିଟାଲକୁ ପଠାଯିବ ବୋଲି ଅଧିକାରୀ ତ୍ରିପାଠୀ କହିଛନ୍ତି। ସୂଚନା ମୁତାବକ, ପୁରୀ ଜିଲାର ଧ୍ରୁବଚରଣ ୧୯୭୫ରୁ ସ୍ତ୍ରୀ ସହ ଜଟଣୀରେ ଆସି ରହୁଛନ୍ତି। ସେ ଭଲ ଇଲେକ୍ଟ୍ରି ମିସ୍ତ୍ରି ଭାବେ

**'ଧରିତ୍ରୀ' ପ୍ରଭାବ**

ସ୍ଥାନୀୟ ଅଞ୍ଚଳରେ କାମ କରୁଥିବାବେଳେ ବୟସାଧିକ କାରଣରୁ କିଛିବର୍ଷ ତଳେ ଅସୁସ୍ଥ ହୋଇପଡ଼ିଥିଲେ। ଘରେ ଏକାକି ରୋଜଗାର କରୁଥିବାରୁ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। କିଛିଦିନ ଜଟଣୀରେ ଏକ ଜରାଶ୍ରମରେ ସ୍ୱାମୀସ୍ତ୍ରୀ ରହିଥିଲେ ହେଁ କୌଣସି କାରଣରୁ ଚାଲିଆସି ରଘୁନାଥ ନଗରରେ ରହୁଥିଲେ। ୨୦୧୯ ଡିସେମ୍ବର ୩ରେ ହଠାତ୍ ଧ୍ରୁବଚରଣ ମୁଣ୍ଡ ବୁଲାଇ ପଡ଼ିଯିବାରୁ ଅଣ୍ଟା ଓ ୨ ଗୋଡ଼ରେ ଆଘାତ ଲାଗିବାରୁ ଦେଢ଼ ବର୍ଷ ଶଯ୍ୟାଶାୟୀ ହୋଇପଡ଼ିଲେ। ଅର୍ଥ ଅଭାବରୁ ଚିକିତ୍ସା କରି ନ ପାରି ସହାୟତା ନିମନ୍ତେ ପ୍ରଶାସନକୁ ନିବେଦନ କରିଥିଲେ। ଏ ନେଇ ଗତ ୧୭ତାରିଖରେ ଧରିତ୍ରୀ ଖବରକାଗଜରେ 'ଚିକିତ୍ସା ପାଇଁ ସହାୟତାକୁ ଅପେକ୍ଷା' ଶୀର୍ଷକ ରିପୋର୍ଟ ପ୍ରକାଶ ପାଇଥିଲା। ପରେ ସ୍ୱେଚ୍ଛାସେବୀ ପ୍ରଶାନ୍ତ ମହାପାତ୍ର, ନୂର ମହମ୍ମଦ ଏବଂ ଦୀପକ ଜେନା ଧ୍ରୁବଚରଣଙ୍କ ଚିକିତ୍ସା ପାଇଁ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଥିଲେ।

## ରାଜ୍ୟସ୍ତରୀୟ ପ୍ରତିଭା ଉତ୍ସବ

**ଭୁବନେଶ୍ୱର, ୨୧।୨ (ବ୍ୟୁରୋ)**

ମାତୃ ଶକ୍ତି ଫାଉଣ୍ଡେଶନ ପକ୍ଷରୁ ପଞ୍ଚମ ରାଜ୍ୟସ୍ତରୀୟ ପ୍ରତିଭା ଉତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅବଦାନ ଲାଗି ଅଭିନେତା ସବ୍ୟସାଚୀ ମିଶ୍ର, ସ୍ତମ୍ଭକାର ଅମିୟ ପାଣ୍ଡବଙ୍କ ସମେତ ୧୫ଜଣ ବ୍ୟକ୍ତିତ୍ୱ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏମ୍‌ଟିଏସ୍ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏମ୍‌ଟିଏସ୍ ଅଧ୍ୟକ୍ଷା ରାଜଲକ୍ଷ୍ମୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସଞ୍ଜୀବ ମଲ୍ଲିକ, ସଞ୍ଜୟ କୁମାର ପରିଡା, ଶୁଭଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# 'ଗଗନ୍ ଘାଟ୍ ଘରାନୀ'ରେ କବୀରଙ୍କ ଜୀବନୀ

## ଆରମ୍ଭ ହେଲା ୨୩ତମ କଳିଙ୍ଗ ନାଟ୍ୟ ମହୋତ୍ସବ

**ଭୁବନେଶ୍ୱର,୨୧।୨ (ବ୍ୟୁରୋ)**



ହିନ୍ଦୀ ନାଟକ 'ଗଗନ୍ ଘାଟ୍ ଘରାନୀ'ର ଏକ ଦୃଶ୍ୟ।

ରବିବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି ୨୩ତମ କଳିଙ୍ଗ ନାଟ୍ୟ ମହୋତ୍ସବ। ଏହି ଜାତୀୟ ବହୁଭାଷୀ ନାଟ୍ୟ ଉତ୍ସବର ପ୍ରଥମ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ହିନ୍ଦୀ ନାଟକ 'ଗଗନ୍ ଘାଟ୍ ଘରାନୀ'। ନାଟକରେ ସନ୍ଥ କବୀରଙ୍କ ସରଳ, ନିରଳସ ଜୀବନ ଓ ଅସାଧାରଣ ବ୍ୟକ୍ତିତ୍ୱ ପ୍ରତିଫଳିତ ହୋଇଥିଲା। ସନ୍ଥ କବୀରଙ୍କ ଜୀବନ ଦର୍ଶନ ସମାଜ ପାଇଁ ଏକ ଦର୍ପଣ ସଦୃଶ। ପ୍ରତିଟି ମୁହୂର୍ତ୍ତରେ କ୍ଷମତା ଓ ଧର୍ମ ମଧ୍ୟରେ ଲୁଚି ରହିଥିବା କୁସଂସ୍କାର ତଥା ଅନ୍ଧବିଶ୍ୱାସକୁ ସେ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରୁଥିଲେ। ଏଥିରେ କବୀରଙ୍କ ରଚିତ ଦୋହା ଓ ତାହାର ସାମାଜିକ ପ୍ରଭାବ ଦେଖିବାକୁ ମିଳିଥିଲା। ଏଥିସହ ହାଡ, ମାଂସର ଏ ଶରୀର ପ୍ରତି ଲୋଭ, ମାୟା ପରିତ୍ୟାଗ କରି ଭଗବତ୍ ସମର୍ପଣ ଓ ପ୍ରେମକୁ ଆଧାର କରି ଚାଲିବାକୁ ପରାମର୍ଶ ଦେଇଥିଲା ଏହି ନାଟକ। ନାଟ୍ୟକାର ସୁମନ କୁମାରଙ୍କ ରଚିତ ତଥା ସଞ୍ଜୟ ଉପାଧ୍ୟାୟଙ୍କ ନିର୍ଦ୍ଦେଶିତ ଏହି ନାଟକକୁ ପାଟଣାର ନିର୍ମାଣ କଳା ମଞ୍ଚର କଳାକାରମାନେ ପରିବେଷଣ କରିଥିଲେ। ଏହି ଅବସରରେ ଅଭିନେତ୍ରୀ ଧରିତ୍ରୀ ଖଣ୍ଡୁଆଳଙ୍କୁ 'ସୁମିତ୍ରା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ୫ଜଣ ନାଟ୍ୟକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ମନ୍ତ୍ରୀ ଅରୁଣ ସାହୁ ଅଭିନେତ୍ରୀ ଧରିତ୍ରୀ ଖଣ୍ଡୁଆଳଙ୍କୁ 'ସୁମିତ୍ରା ସମ୍ମାନ' ପ୍ରଦାନ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଶିଷ



@ ମନୋଜ



@ ଗିରିଜା



@ ମୋନା



@ ରଞ୍ଜନ



@ କୈଳାସ



@ ଅଭିନନ୍ଦନ

# ତଇଲାମାଳ ସେତୁ ଭିତ୍ତିପ୍ରସ୍ତର ସ୍ଥାପନ

**ଆଠଗଡ଼, ୨୧।୨( ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ତଇଲାମାଳ ସାପୁଆ ନଦୀ ଉପରେ ସେତୁ ନିର୍ମାଣ ହେବ। ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏନେଇ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।ଏହି ସେତୁ ବେଣ୍ଟପଦା,ମହାକାଳବସ୍ତ ଓ ରାଜନଗର ପଞ୍ଚାୟତର ଯୋଗାଯୋଗର ମାଧ୍ୟମ ହେବ। ଏଥିପାଇଁ ୨କୋଟି ୫୨ ଲକ୍ଷ ୯୨ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୬୦ ମିଟର ଲମ୍ବର ଏହି ସେତୁ କାମ ବର୍ଷେ ମଧ୍ୟରେ ଶେଷ କରିବାକୁ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଆଲୋକ କୁମାର ବଳିଆର ସିଂହ, କନକଲତା ସାହୁ, ମହେନ୍ଦ୍ର କୁମାର ପରିଡ଼ା, ବିବିନ୍ଦ୍ର ରଣା,ଲକ୍ଷ୍ମୀଧର ମହାନ୍ତି, ରଜନୀ ଓଝା ଓ ଜାନକୀଲତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଆଠଗଡ଼ ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ସାହୁ ଏବଂ ସହକାରୀ ଯନ୍ତ୍ରୀ ବିରଞ୍ଚି ନାରାୟଣ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

## ଆଜି କ'ଣ କେଉଁଠି

**ସାକ୍ଷୀଗୋପାଳ**

- ଦିବ୍ୟାଙ୍ଗ ଚିହ୍ନଟ ଓ ଉପକରଣ ବଣ୍ଟନ, ବୀରଗୋବିନ୍ଦପୁର ନୋଡାଲ ବିଦ୍ୟାଳୟ, ପୂର୍ବାହ୍ନ ୧୦.୩୦।
- ୫ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ଲକ୍ଷ୍ମୀନୃସିଂହ ପୀଠ, ଜୀପୁର, ଅପରାହ୍ନ ୫ ଟା।

**କୋଣାର୍କ**

- କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ପକ୍ଷରୁ ବିଚ୍ ସ୍କୋର ଟୁର୍ନାମେଣ୍ଟ, ଚନ୍ଦ୍ରାଭାଗା, ଅପରାହ୍ନ ୨ଟା ୩୦।

## ସଂକ୍ଷେପରେ

### ଉର୍ଦ୍ଦୁ ଭାଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ

ସାକ୍ଷୀଗୋପାଳ, ୨୧।୨(ଡି.ଏନ୍.ଏ): ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ଅବସରରେ ସାକ୍ଷୀଗୋପାଳସ୍ଥିତ ବୀଣାପାଣି ବିଦ୍ୟାମନ୍ଦିର ପକ୍ଷରୁ ଅହମ୍ମଦପୁର ଗ୍ରାମରେ ରବିବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାଧମିକ ଶିକ୍ଷା ପରିଷଦର ଅତିରିକ୍ତ ସଚିବ ଶ୍ରୀକାନ୍ତ ତରାଇ ଯୋଗ ଦେଇ ଉର୍ଦ୍ଦୁ ଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ପୋଲିସ ଅଧିକାରୀ ଶେଖ୍ ଅବଦୁଲ କରିମ୍, ନୟାଗଡ଼ ଜିଲା ବିଜେଡି ସଂଖ୍ୟାଲଘୁ ସଭାପତି ଶେଖ ନଇମ୍ ଏବଂ ରାଜ୍ୟ ସମ୍ପାଦକ ଶେଖ୍ ଅନଓ୍ୱର ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ରାଷ୍ଟ୍ରୀୟ ଉର୍ଦ୍ଦୁଭାଷା ବିକାଶ ପରିଷଦ ସହଯୋଗରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସମ୍ମିଳନୀ ଆୟୋଜନ କରାଯାଇ ଉର୍ଦ୍ଦୁ ଭାଷାର ବିକାଶ ଲାଗି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସଭାରେ ଅଧକ୍ଷତା କରି ଡ. ଶେଖ ଅବଦୁଲ ରହିମ୍ କହିଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଇସଲାମିକ ଧର୍ମାବଲମ୍ବୀ ଏଥିରେ ଉପସ୍ଥିତ ଥିଲେ। ସେହିପରି ସାକ୍ଷୀଗୋପାଳ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଏକ ସେମିନାର ହୋଇଥିଲା। ଅଧକ୍ଷ ଡ. ରତିକାନ୍ତ ପରିଡ଼ା, ପ୍ରଫେସର ସୁଜାତା ମହାପାତ୍ର, ନଳିନୀ ଲୋଚନା ଦାଶ, ସୁବାସ ଚନ୍ଦ୍ର ସାହୁ, ଅଜୟ କୁମାର ଦାଶ ପ୍ରମୁଖ ଯୋଗଦେଇ ମାତୃଭାଷାର ସୁରକ୍ଷା ପ୍ରତି ସମସ୍ତଙ୍କର କର୍ତ୍ତବ୍ୟ ରହିଛି ବୋଲି କହିଥିଲେ।

### କରମଳାରେ ସ୍ୱାସ୍ଥ୍ୟ ଶିବିର

କଣାସ,୨୧।୨(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଆଳିବାଡ଼ ପଞ୍ଚାୟତର କରମଳାଠାରେ ପ୍ରତିଷ୍ଠିତ ଅଭିରାମ ନୋଡାଲ ବିଦ୍ୟାପୀଠ ପରିସରରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର କଣାସ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କରମଳା ଶାନ୍ତିଧାମସ୍ଥିତ ସନ୍ୟାସୀ ଭୈରବାନନ୍ଦ ଦାଶ ମହାରାଜ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦଘାଟନ କରିଥିଲେ। କଣାସ ପଞ୍ଚାୟତ ସମିତିର ଅଧକ୍ଷ ସାଗର ବେହେରା ଏହି ଶିବିରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଭୁବନେଶ୍ୱରରୁ ଆସିଥିବା ଡାକ୍ତରମାନେ ୧୫୫ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅଭିରାମ ବିଦ୍ୟାପୀଠର ଶିକ୍ଷୟିତ୍ରୀଶିକ୍ଷକ ଶିବିରରେ ସହଯୋଗ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

କଣାସ,୨୧।୨(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା ପଞ୍ଚାୟତର ଦୋକାନ୍ଦା ଗ୍ରାମରେ ପ୍ରତିଷ୍ଠିତ ମା' ମଙ୍ଗଳାଙ୍କ ପୀଠରେ ୩ଦିନ ଧରି ଚାଲିଥିବା ୨୮ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ନାମସଂର୍କୀର୍ତ୍ତନ ପରିବେଷଣ କରାଯାଇଥିବା ବେଳେ ଶେଷରେ ଗ୍ରାମବାସୀ ଓ ଆଖପାଖ ଭକ୍ତମାନେ ପ୍ରସାଦସେବନ କରିଥିଲେ । ମହାବୀର ଯୁବକ ସଂଘର କର୍ମକର୍ତ୍ତା ଓ ଦୋକନ୍ଦା ଗ୍ରାମବାସୀ ସହଯୋଗ କରିଥିଲେ ।

# ଅବାଧରେ ଚାଲିଛି ବେଆଇନ ଇଟାଭାଟି

ନିମାପଡ଼ା,୨୧।୨(ଡି.ଏନ୍.ଏ.)



- ବାୟୁ ପ୍ରଦୂଷଣରେ ଗ୍ରାମବାସୀ ଅତିଷ୍ଠ
- ନୀରବଦ୍ରଷ୍ଟା ରାଜସ୍ୱ ବିଭାଗ

ନିମାପଡ଼ା ବ୍ଲକର ଡେଣ୍ଡୁଆଁ, ମିଟେଇପୁର, ଭୋଗ୍ରଶାଳଦା, ଭିଳିଗ୍ରାମ, ସଲଙ୍ଗ, ବାମନାଳ, ହରିପୁର, ତମାଳୋ, ତୁଳସୀପୁର, ବାହାରେଣା, ଭୋଦର, କଳାପାଞ୍ଚଣ, ଛଣିଜଙ୍ଗ, ଅରିଷଣ୍ଡ ସମେତ ୩୨ ପଞ୍ଚାୟତ ଓ ଏନ୍ଏସିର ପାଟପୁର, ହାଟସାହି, ନୂଆରକରି, ଦିପିରେଣ୍ଟା, ଅଳନ୍ଧା, ଭୁବନପୁର, ତଳଅଣ୍ଠିଆ, ଅଣ୍ଠିଆସାହି ସମେତ ବିଭିନ୍ନ ଗ୍ରାମରେ ଛତୁଫୁଟିଲା ଭଳି ଚାଲିଛି ବେଆଇନ ଇଟାଭାଟି। ସରକାର ପ୍ରାୟ ୩ବର୍ଷ ହେଲା ଦେଶୀ ମାଟି ଇଟାକୁ ଅସିଦ୍ଧ(ବ୍ୟାନ୍) ଘୋଷଣା କରିଥିବାବେଳେ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଏନ୍ଏସି ଅଞ୍ଚଳରେ ବେଆଇନ ଭାବେ ୬ଶହରୁ ଉର୍ଦ୍ଧ୍ୱ ଇଟାଭାଟି ଚାଲିଥିବା ଦୁର୍ଭାଗ୍ୟଜନକ। ଅନ୍ୟପଟେ ଏହି ବେଆଇନ ଇଟାଭାଟି ନିର୍ମାଣ ବଢ଼ିଚାଲିଥିବାରୁ ସରକାରଙ୍କ ରାଜସ୍ୱ ବିଭାଗର ବାର୍ଷିକ କୋଟି କୋଟି ଟଙ୍କା ରାଜସ୍ୱ ହାନି ଘଟୁଛି। ହେଲେ ଏ ଦିଗରେ ନିମାପଡ଼ା ରାଜସ୍ୱ ବିଭାଗର ସାମାନ୍ୟତମ ଦୃଷ୍ଟି ନାହିଁ। ଗାଁ, ସାହି, ରାସ୍ତା ନିକଟରେ ଶତାଧିକ ସଂଖ୍ୟାରେ ଦିବାରାତ୍ର ଇଟାଭାଟି ଲାଗିରହୁଥିବାରୁ ରୌଦ୍ରତାପ, ଗ୍ରୀଷ୍ମ ପ୍ରବାହ ହୋଇ ଘରେ ଲୋକେ ରହି ନ ପାରି ଅତିଷ୍ଠ ହୋଇଗଲେଣି। ବେଆଇନ ଭାବେ ଇଟାଭାଟି ଜଳୁଥିବାରୁ ବାୟୁ ପ୍ରଦୂଷଣ ହୋଇ ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଗ୍ରାମବାସୀ କହିଛନ୍ତି। ଇଟାଭାଟି ମାଲିକ ଓ ରାଜସ୍ୱ ବିଭାଗର କର୍ମଚାରୀଙ୍କ କୌଣସି ସଲାସୁତରା ଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଏପରିକି ଇଟାଭାଟି ମାଲିକମାନଙ୍କୁ ପରୋକ୍ଷ ଭାବେ ରାଜସ୍ୱ ବିଭାଗର କର୍ମଚାରୀମାନେ ପ୍ରୋତ୍ସାହନ ଦେଉଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଏଥିଯୋଗୁ ମାଲିକମାନେ ନିର୍ଭୀକରେ ଇଟାଭାଟି କାର୍ଯ୍ୟ ଚଲାଇ ଆସୁଛନ୍ତି। ଏହି ବେଆଇନ ଇଟାଭାଟିକୁ ଯଦି ଏବେ ରୋକା ନ ଯିବ ଭାଟିର ନିଆଁ, କୋଇଲା ଧୂଆଁ ଯୋଗୁ ନିମାପଡ଼ା ଅଞ୍ଚଳ ସାରା ପ୍ରଦୂଷଣ ହେବାର ଆଶଙ୍କା ହେଉଥିବାବେଳେ ଲୋକେ ମଧ୍ୟ ନାନା ରୋଗର ସମ୍ମୁଖୀନ ହେବେ। ଏ ସମ୍ପର୍କରେ ତହସିଲଦାର ରାମଚନ୍ଦ୍ର ଜେନା କହିଛନ୍ତି, ଖୁବଶୀଘ୍ର ବେଆଇନ ଇଟାଭାଟିଗୁଡ଼ିକ ଉପରେ ଚଢ଼ାଉ କରାଯିବା ସହ ମାଲିକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ଦିଗରେ ପୁରୀ ଜିଲାପାଳ, ରାଜସ୍ୱ ମନ୍ତ୍ରୀ, ବିଭାଗୀୟ ସଚିବ, ୫-ଟି ସଚିବ ଦୃଷ୍ଟି ଦେଇ ବିହୀତ ପଦକ୍ଷେପ ନେବାକୁ ନିମାପଡ଼ାବାସୀଙ୍କ ପକ୍ଷରୁ ଦାବି ହେଉଛି। ଏହି ବେଆଇନ ଇଟାଭାଟି ତୁରନ୍ତ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆ ନ ଗଲେ ରାଜରାସ୍ତାକୁ ଓହ୍ଲାଇବାକୁ ନିମାପଡ଼ାବାସୀ ଚେତାବନୀ ଦେଇଛନ୍ତି।

# ସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଆଚାର୍ଯ୍ୟ ହରିହର

ସାକ୍ଷୀଗୋପାଳ, ୨୧।୨(ଡି.ଏନ୍.ଏ/ସ୍ୱ.ପ୍ର.)



ଉତ୍ସବରେ ଅତିଥି ଏବଂ ଶିଶୁଭବନର କର୍ମକର୍ତ୍ତାଙ୍କ ସହ ଅନ୍ତେବାସୀମାନେ ।

**ଶିଶୁଭବନ ପ୍ରତିଷ୍ଠା ଉତ୍ସବ**

ସତ୍ୟବାଦୀ ବନ ବିଦ୍ୟାଳୟର ଅନ୍ୟତମ ବିଦ୍ଧାଣୀ ଋଷିପ୍ରତିମ ଆଚାର୍ଯ୍ୟ ହରିହରଙ୍କ ସ୍ମୃତିରେ ସ୍ଥାପିତ ଆଚାର୍ଯ୍ୟ ହରିହର ଶିଶୁଭବନର ୪୨ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଏହି ଉତ୍ସବରେ ଅନୁଷ୍ଠାନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ରଘୁନାଥ ମହାପାତ୍ର ଯୋଗଦେଇ ଆଚାର୍ଯ୍ୟ ହରିହର ସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି କହିଥିଲେ। ପୁଣ୍ୟାତ୍ମାଙ୍କ 'ଭଲ ମଣିଷ ହୁଅ' ବାର୍ତ୍ତାକୁ ମନେପକାଇ ଯୁବପିଢ଼ି ଅଗ୍ରସର ହେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଶିଶୁ ଅଧିକାର ଓ ସେମାନଙ୍କ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୌରାଙ୍ଗ ଚରଣ ପରିଡା ଓ ରାଜେଶ ମିଶ୍ର ଯୋଗଦେଇଥିଲେ। ସମ୍ପାଦକ ହୃଷୀକେଶ ଦାଶ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଅନୁଷ୍ଠାନ ମୁଖପତ୍ର 'ପ୍ରୟାସ' ଉନ୍ମୋଚିତ ହୋଇଥିଲା। ରାଜଲକ୍ଷ୍ମୀ ଦାଶ, ସନ୍ଧ୍ୟାରାଣୀ ସାହୁ, ବାବନ ବରାଳ, ନଟବର ଆଚାର୍ଯ୍ୟ, ଅଶ୍ୱିନୀ ନନ୍ଦ, ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା ମଣ୍ଡଳୀ ସଦସ୍ୟ ଅଜିତ ନନ୍ଦ ଧନ୍ୟବାଦ ଦେଇଥିଲେ।

### ନାଟକରେ କରୋନାର ଭୟାବହତା

ଖୋର୍ଦ୍ଧା ଅଫିସ,୨୧।୨: ସାଂସ୍କୃତିକ ଅନୁଷ୍ଠାନ 'ଆନ୍ଦୋଳନ' ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନରେ ରବିବାର ନାଟକ 'କରୋନା' ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟକାର ଡ. ଧନେଶ୍ୱର ସାହୁଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ସନ୍ତୋଷ ମହାନ୍ତି। ମହାମାରୀ କରୋନାରେ ସାଧାରଣ ବର୍ଗର ଲୋକେ କିପରି ଅସୁବିଧାର ସମ୍ମୁଖୀନ ହୋଇଥିଲେ, ତାହାର କରୁଣ ଚିତ୍ର ନାଟକରେ ପ୍ରତିଫଳିତ ହୋଇଥିଲା। କରୋନା କବଳରେ ସାରା ବିଶ୍ୱର ଅର୍ଥନୀତି, ସାମାଜିକ, ସାଂସ୍କୃତିକ ଏପରି କି ସାଧାରଣ ଜୀବନ ଶୈଳୀ ଦୋହଲି ଯାଇଥିଲା। ଏବେ ବି କରୋନା ଆଶଙ୍କା ଲାଗି ରହିଛି। ସଚେତନତା ଓ ସତର୍କତା ମାଧ୍ୟମରେ ଏହାକୁ ପ୍ରତିହତ କରାଯାଇପାରିବ ବୋଲି ନାଟକ ମାଧ୍ୟମରେ କଳାକାରମାନେ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ରିଣ୍ଟୁ ଜେନା, ବିଭୁସୁନ୍ଦର ସାହୁ, ରୁଦ୍ରବାସ୍ତ ମିଶ୍ର, ରତିକାନ୍ତ ମହାଖୁଡ, ଦିପ୍ତିମୟୀ ପ୍ରତିହାରୀ, ସନ୍ତୋଷ ମହାନ୍ତ, ପ୍ରୟାଗ ମହାନ୍ତି ଏବଂ ସୁବାସ ଚନ୍ଦ୍ର ନାୟକ ପ୍ରମୁଖଙ୍କୁ ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# 'ସେବାରେ ସମର୍ପଣଭାବ ରହିଲେ ମଣିଷ ଦେବତୁଲ୍ୟ ହୁଏ'



'ସେବାରେ ସମର୍ପଣ' ଅନୁଷ୍ଠାନର ସ୍ୱନକ୍ଷତ୍ର ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ପୁରୀ ଅଫିସ,୨୧।୨:

ସେବାରେ ସମର୍ପଣଭାବ ରହିଲେ ସାଧାରଣ ମଣିଷ ବି ଦେବତା ତୁଲ୍ୟ ହୋଇପାରେ। ସେବା ହିଁ ମଣିଷକୁ ସମାଜରେ ପ୍ରତିଷ୍ଠିତ କରେ। ସେବା ମଣିଷକୁ ନମ୍ର ଓ ଉଦାର କରେ ବୋଲି ରବିବାର ସମର୍ପଣର ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଦର୍ଶନ ସାହୁ କହିଛନ୍ତି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ 'ସେବାରେ ସମର୍ପଣ' ଅନୁଷ୍ଠାନର ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ସମର୍ପଣ ଅନୁଷ୍ଠାନ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ଲୋକଙ୍କ ମନ ଜିଣିପାରୁଛି ବୋଲି ଷଡ଼ଙ୍ଗୀ କହିଛନ୍ତି। ସମ୍ମାନିତ ଅତିଥି ଭାବେ ସମ୍ ହସ୍ପିଟାଲର ଡା. ମନୋଜ କୁମାର ସାହୁ, ଡା. ଦୀପଙ୍କର ଦାସଗୁପ୍ତା ଏବଂ କେ.ବି.ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉତ୍ସର୍ଗୀକୃତ ସେବା ପାଇଁ ବଦ୍ରି ମିଶ୍ର, ନିରଞ୍ଜନ ମିଶ୍ର, ଅଗ୍ନିଶମ ବିଭାଗର ଧନଞ୍ଜୟ ନାୟକ, କୁମାର ଉତ୍ସବ ସମିତିର ସ୍ୱାଧୀନ ପଣ୍ଡା, ଅକ୍ଷୟ ଜୟସିଂହ, ଶିବାନୀ ଶୁଭ୍ରଜ୍ୟୋତି ଏବଂ ସତ୍ୟନାରାୟଣ ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିଭଳି ଲାୟନ୍ସ କ୍ଲବ୍ ପକ୍ଷରୁ ମହମ୍ମଦ ୱାର୍ଜି, ବିଭୁଦତ୍ତ ସୁବୁଦ୍ଧି, ବିଷ୍ଣୁପ୍ରିୟା ଦାସ, ସମର୍ପଣ ସମ୍ପାଦିକା ଜୟନ୍ତୀ ମହାପାତ୍ରଙ୍କୁ ଅକ୍ସିଜେନ୍ ସିଲିଣ୍ଡର ପ୍ରଦାନ କରିଥିଲେ।

### ଶ୍ରୀଶ୍ରୀ କୃତ୍ତେଶ୍ୱର ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର, ୨୧।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଗୋଳବାଇ ପଞ୍ଚାୟତ ଚନ୍ଦ୍ରମାପାଟପୁରରେ ଥିବା ଶ୍ରୀ କୃତ୍ତେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଠାକୁରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରବିବାର ସମ୍ପନ୍ନ ହୋଇଛି । ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଦୀର୍ଘ ୩ଦିନ ବ୍ୟାପୀ ଚାଲୁରହିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ସକାଳେ ସୂର୍ଯ୍ୟପୂଜା ସହିତ ବିଭିନ୍ନ ପୂଜାପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ହରିବୋଲ ହୁଳହୁଳି, ଓ ନାମସଂକୀର୍ତ୍ତନରେ ମଣ୍ଡପଟି ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଆଧତ୍ମିକ କାର୍ଯ୍ୟକୁ ଗୁଣ୍ଟୁଣୀ-ଚନ୍ଦ୍ରମାପାଟପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ କରାଯାଇଥିଲା।

## ସହର ଖବର



### ଆଚାର୍ଯ୍ୟ ହରିହରଙ୍କ ତିରୋଧାନ ଦିବସ ପାଳିତ

**ପୁରୀ ଅଫିସ,୨୧।୨:** ଆଚାର୍ଯ୍ୟ ବ୍ୟାୟାମ କ୍ରୀଡାନୁଷ୍ଠାନ ଏବଂ ଆଚାର୍ଯ୍ୟ ହରିହର ବିଦ୍ୟା ନିକେତନ ଆନୁକୁଲ୍ୟରେ ରବିବାର ଆଚାର୍ଯ୍ୟ ହରିହରଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ତିଳତର୍ପଣ କରାଯାଇଛି। ଆୟୋଜିତ ସ୍ମୃତିସଭାରେ ଅନାମ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ଡ. ସୁରେନ୍ଦ୍ର କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଚାର୍ଯ୍ୟ ହରିହରଙ୍କ ଜୀବନବ୍ୟାପୀ ସାଧନା ଓ ତ୍ୟାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାପୁଡ଼ିଆ ମଠ ବେଦ କର୍ମକାଣ୍ଡ ଛାତ୍ରୀଛାତ୍ରଙ୍କ ଦ୍ୱାରା ବେଦ ପାଠ କରାଯାଇଥିଲା। ବିଦ୍ୟାନିକେତନର ପ୍ରଧାନଶିକ୍ଷକ ଯୋଗେନ୍ଦ୍ର ମହାପାତ୍ର, ଶ୍ୟାମପ୍ରକାଶ ସେନାପତି, ସିଦ୍ଧେଶ୍ୱର ପ୍ରଧାନ, ସୁନୀଲ କୁମାର ମିଶ୍ର ଓ ଦୀପ୍ତିକାନ୍ତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟକର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ

- ନେଇଥିଲେ କୋଭିଡ୍ ଟିକା
- ରାତିରେ ଛାତି ଯନ୍ତ୍ରଣା ହୋଇଥିଲା

**ପୁରୀ ଅଫିସ,୨୧।୨:** ପୁରୀ ସହରରେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ୫୬ ବର୍ଷୀୟ ରଞ୍ଜିତ କୁମାର ରାଉତ। ସେ ଶନିବାର କୋଭିଡ୍ ଟିକାର ୨ୟ ଡୋଜ୍ ନେଇଥିଲେ। ବିଳମ୍ବିତ ରାତିରେ ତାଙ୍କର ଛାତି ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ରଞ୍ଜିତଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଞ୍ଜିତ ପୁରୀ ସ୍ୱର୍ଗଦ୍ୱାର ଅର୍ବାନ ପ୍ରାଇମେରି ହେଲଥ ସେଣ୍ଟରରେ ମଲ୍ଟି ପର୍ପୋଜ୍ ହେଲ୍‌ଥ ୱାର୍କର ଭାବେ କାର୍ଯ୍ୟ କରୁଥିଲେ। ଶନିବାର ସେ କମଳା ଦେବୀ ମାତୃମଙ୍ଗଳ ହସପିଟାଲରେ କୋଭିଡ ଟିକାର ୨ୟ ଡୋଜ୍ ନେଇଥିବା ନେଇ ପରିବାର ଲୋକେ ସୂଚନା ଦେଇଛନ୍ତି। ରଞ୍ଜିତଙ୍କ ମରଶରୀରକୁ କଟକ ବଡ଼ ମେଡ଼ିକାଲ ପଠାଯାଇଛି। ସେଠାରେ ପୋଷ୍ଟମର୍ଟମ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁରୀ ଏଡିଏମଓ କହିଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକେ ଏକଥା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ରଞ୍ଜିତ ପୂର୍ବରୁ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହା ତାଙ୍କ ପାଇଁ ନୂଆ ନୁହେଁ। ସେହିଭଳି ରଞ୍ଜିତ ମଧୁମେହ ରୋଗରେ ମଧ୍ୟ ପୀଡ଼ିତ ଥିଲେ। ମୃତକଙ୍କ ପୁଅ ରାଜୀବଲୋଚନ ରାଉତ କହିଛନ୍ତି, କୋଭିଡ୍ ୨ୟ ଡୋଜ୍ ନେବା ପରେ ରାତ୍ର ଭୋଜନ ପରେ ଯନ୍ତ୍ରଣା ହେଲା। ତାଙ୍କୁ ତୁରନ୍ତ ଡ଼ାକ୍ତରଖାନା ନିଆଯାଇଥିଲେ ମଧ୍ୟ ବଞ୍ଚାଇବା ସମ୍ଭବପର ହୋଇ ନ ଥିଲା। ଅନ୍ୟପକ୍ଷରେ ଏଡିଏମ୍ଓ ଦେବୀପ୍ରସାଦ ମହାପାତ୍ରଙ୍କ କହିବା ଅନୁଯାୟୀ, ରଞ୍ଜିତ ଡାକ୍ତରଖାନା ଆସିବା ବେଳେ ମୁହଁରୁ ଫେଣ ବାହାରୁଥିଲା, ତୁରନ୍ତ ଚିକିତ୍ସା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା।

### ବରଯାତ୍ରୀ ଗାଡ଼ି ଅଟକାଇ ଡିଜେ ଟେକିନେଲା ପୋଲିସ

**ପୁରୀ ଅଫିସ,୨୧।୨:** ଏକ ବରଯାତ୍ରୀ ଗାଡ଼ିକୁ ଅଟକାଇ ପୋଲିସ ଡିଜେ ସାଉଣ୍ଡ ସିଷ୍ଟମ ଜବତ କରିଛି। ପୁରୀରେ ଡିଜେ ବଜାଇବା ଉପରେ କଟକଣା ଥିବାବେଳେ ରବିବାର ବାନାୟର ଛକ ପାଖରେ ଏକ ବରଯାତ୍ରୀ ପାର୍ଟି ଡିଜେ ବଜାଇ ଯାଉଥିବା ଦେଖିବାକୁ ମିଳିଥିଲା। ଖବର ପାଇ କୁମ୍ଭାରପଡ଼ା ଥାନା ପୋଲିସ ପହଞ୍ଚି ୧୩ଟି ସାଉଣ୍ଡ ବକ୍ସ, ଡିଜେ ମେଶିନ୍ ସହ ଅନ୍ୟ ଉପକରଣ ଜବତ କରିଛି। ବିନାନୁମତିରେ ଉଚ୍ଚଶବ୍ଦରେ ଡିଜେ ବଜାଇବା ଅଭିଯୋଗରେ ସମ୍ପୃକ୍ତ ମାଲିକଙ୍କ ବିରୋଧରେ ଓଡ଼ିଶା ଫାୟାର ୱାର୍କ୍ସ ଓ ଲାଉଡସ୍ପିକର ରେଗୁଲେଶନ୍ ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀ କହିଛନ୍ତି। କିଛିଦିନ ତଳେ ପୁରୀ ସହରରେ ୬୫ ଡେସିବଲରୁ ଉର୍ଦ୍ଧ୍ୱ ଶବ୍ଦ ବାରଣ କରାଯାଇଥିବା ବେଳେ ଡିଜେ ବଜାଇବା ଉପରେ କଟକଣା ଜାରି ହୋଇଥିଲା।

### ବକ୍ସିଂ ତାଲିମ ଶିବିରରେ ଭାଗ ନେଲେ ୨୯



**ପୁରୀ ଅଫିସ,୨୧।୨:** ପୁରୀ ଭୋଳାନାଥ ବିଦ୍ୟାପୀଠ ପରିସରରେ ରବିବାର ବକ୍ସିଂ ଏକାଡେମୀ ତରଫରୁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଦିବସରେ ୧୪ ଜଣ ବାଳିକା ଓ ୧୫ ଜଣ ବାଳକ ଅଂଶଗ୍ରହଣ କରିଥିଲେ। ଏମାନଙ୍କୁ ପ୍ରଶିକ୍ଷକମାନେ ବକ୍ସିଂ ଶିକ୍ଷା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀର ପୂର୍ବତନ ନଗରପାଳ ସୁରେନ୍ଦ୍ର କୁମାର ଦାସ ଯୋଗଦେଇ ବକ୍ସିଂ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ବକ୍ସିଂ କ୍ରୀଡ଼ା ଭାରତରେ କ୍ରମାଗତ ଭାବେ ଉନ୍ନତ ହେବାରେ ଲାଗିଛି। ନୂଆ ନୂଆ ଶୈଳୀ ଓ ଭିନ୍ନ ଭିନ୍ନ ପ୍ରକାରର କ୍ରୀଡାବିତ ସାମ୍ନାକୁ ଆସୁଛନ୍ତି। ନୂଆ କ୍ରୀଡ଼ା ଦୁନିଆ ସହ ତାଳ ଦେଇ ଚାଲିବାକୁ ହେଲେ ଭଲ ପ୍ରଶିକ୍ଷକ ଓ ଧ୍ୟାନମଗ୍ନ କ୍ରୀଡାବିତ୍‌ଙ୍କର ଆବଶ୍ୟକତା ରହିଛି। ପୂର୍ବତନ ନଗରପାଳ ବେଣୁଧର ସେଠୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଆତ୍ମରକ୍ଷା ପାଇଁ ମୁଷ୍ଟିଯୁଦ୍ଧ ଏକ ବଳିଷ୍ଠ ମାଧ୍ୟମ ବୋଲି କହିଛନ୍ତି। ଜଗନ୍ନାଥ ପାଢ଼ୀ, ବିଷ୍ଣୁଚରଣ ସେଠୀ, ବସନ୍ତ କୁମାର ପ୍ରଧାନ, ଉମାକାନ୍ତ ମହାନ୍ତି, ସୁଷମା ବେଗମ ଓ ପ୍ରଭାତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# 'ମାଟି କୁଡୁଆରେ ଶ୍ରୀଜଗନ୍ନାଥ' ଉନ୍ମୋଚିତ

ପୁରୀ ଅଫିସ,୨୧।୨:

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର 'ମାଟି କୁଡୁଆରେ ଶ୍ରୀଜଗନ୍ନାଥ' ନାମକ ପୁସ୍ତକ ଉନ୍ମୋଚିତ ହୋଇଛି। ଏହି ପୁସ୍ତକକୁ ରତ୍ନବେଦି ଛୁଆଁଇ ସାରିବା ପରେ ସିଂହଦ୍ୱାର ସମ୍ମୁଖରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଉନ୍ମୋଚନ କରିଥିଲେ। ଡ. ମିଶ୍ର କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ଲୀଳାମୟ। ଯିଏ ତାଙ୍କ ପ୍ରତି ଯେତେ ସମର୍ପିତ ସେ ସେତେ ଗଭୀର ଭାବେ ତାଙ୍କୁ ହୃଦୟଙ୍ଗମ କରିପାରିଛି। ଏହି ପୁସ୍ତକ ଏହାର ଜ୍ୱଳନ୍ତ ଉଦାହରଣ। ଜଗତର ନାଥ ଜଗନ୍ନାଥ କେତେବେଳେ କେଉଁ ରୂପରେ ଉଭା ହେବେ ତାହା କେବଳ ସେ ହିଁ ଜାଣନ୍ତି। ତେବେ ପୁସ୍ତକକୁ ନେଇ ଏକ ବିସ୍ମୟଜନକ କାହାଣୀ ରହିଛି। ଝାରସୁଗୁଡ଼ା ଜିଲା ବନ୍ଧବାହାଲ ବାସିନ୍ଦା ଉତ୍ତମା ପ୍ରଧାନ ଏହି ପୁସ୍ତକର ରଚୟିତା। ପ୍ରାୟ ଦେଢ଼ବର୍ଷ ପରେ ସେ ପୁରୀ ଆସି ମହାପ୍ରଭୁଙ୍କ ନିକଟରେ ଏହି ପୁସ୍ତକକୁ ସମର୍ପଣ କରିଛନ୍ତି। ତେବେ ପୂର୍ବରୁ ପୁରୀ ଆସି ସେ କୁଡ଼ିଆରେ ମହାପ୍ରସାଦ ନେଇ ଘରକୁ ଫେରିଥିଲେ। ହଠାତ୍ କୁଡୁଆ ଭିତରେ ମହାପ୍ରଭୁଙ୍କୁ ଦର୍ଶନ କଲେ। ସେତେବେଳେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଘଟଣା ପ୍ରତ୍ୟକ୍ଷଦର୍ଶୀମାନଙ୍କ ଦ୍ୱାରା ପ୍ରସାରିତ ହେବା ପରେ ଉତ୍ତମା ଏସବୁକୁ ଲେଖି ପୁସ୍ତକର ନାମ 'ମାଟି କୁଡୁଆରେ ଶ୍ରୀଜଗନ୍ନାଥ' ରଖିଛନ୍ତି। ଏହି ପୁସ୍ତକ ଉନ୍ମୋଚନ ଅବସରରେ ପ୍ରତାପ ଶତପଥୀ, ମୃତ୍ୟୁଞ୍ଜୟ ମୁଦୁଲି ଓ ବନ୍ଧବାହାଲରୁ ଆସିଥିବା ଜଗନ୍ନାଥପ୍ରେମୀମାନେ ଉପସ୍ଥିତ ଥିଲେ।


ଅତିଥିମାନେ ମାଟି କୁଡୁଆରେ ଶ୍ରୀଜଗନ୍ନାଥ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

# ପେଟ୍ରୋଲରେ ପାଣି ମିଶାକୁ ନେଇ ଉତ୍ତେଜନା

ଗୋପ,୨୧।୨(ଡି.ଏନ୍.ଏ.)



ପେଟ୍ରୋଲ ମିଶ୍ରିତ ପାଣି ।

**ଟଙ୍କା ଫେରାଇଲେ ଟାଙ୍କି ମାଲିକ**

ଗୋପ-ନିମାପଡ଼ା ରାସ୍ତାରେ ଥିବା ଏକ ପେଟ୍ରୋଲ ପମ୍ପରେ ପେଟ୍ରୋଲରେ ପାଣି ମିଶିବାକୁ ନେଇ ରବିବାର ଉତ୍ତେଜନା ଦେଖାଯାଇଥିଲା। ବହୁ ଯୁକ୍ତିତର୍କ ପରେ ଟାଙ୍କି ମାଲିକ ବାଇକ୍ ଆରୋହୀଙ୍କୁ ଟଙ୍କା ଫେରାଇବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ, ଗୋପ ହାପି କଲୋନୀର ବନମାଳୀ ସିଂ ଓ ତାଙ୍କ ମା ଜରୁରୀ କାର୍ଯ୍ୟରେ ବାହାରିଥିଲେ। ବାଇକ୍‌ରେ ତେଲ ନ ଥିବାରୁ ଗୋପ ବଜାରର ଶେଷ ଭାଗରେ ଥିବା ଏକ ପେଟ୍ରୋଲ ପମ୍ପରେ ୧୫୦ ଟଙ୍କାର ତେଲ ପକାଇଥିଲେ। ହେଲେ କିଛି ବାଟ ଯିବାପରେ ବାଟରେ ବାରମ୍ବାର ଗାଡ଼ି ବନ୍ଦ ହୋଇଥିଲା। କିଛି ବାଟ ବାଇକ୍‌କୁ ଗଡ଼ାଇ ଏକ ଗ୍ୟାରେଜରେ ଦେଖାଇବାରୁ ଗ୍ୟାରେଜ ମିସ୍ତ୍ରି ସଜାଡ଼ିବା ପରେ ପାଣି ମିଶା ପେଟ୍ରୋଲ ଯୋଗୁ ଏପରି ହୋଇଥିବା କହିଥିଲେ। ପରେ ବନମାଳୀ ଅନ୍ୟ ଏକ ପେଟ୍ରୋଲ ପମ୍ପରୁ ତେଲ ଆଣି ପକାଇବା ପରେ ଗାଡ଼ି ଷ୍ଟାର୍ଟ ହୋଇଥିଲା। ଏ ନେଇ ବନମାଳୀ ପ୍ରଥମେ ତେଲ ପକାଇଥିବା ପେଟ୍ରୋଲ ପମ୍ପରେ ପହଞ୍ଚି ପାଣିମିଶା ପେଟ୍ରୋଲ ଦେଉଥିବା ନେଇ ଟାଙ୍କି କର୍ମଚାରୀଙ୍କ ସହ ଯୁକ୍ତିତର୍କ ହୋଇଥିଲେ। ଏହାଦେଖି ଅନ୍ୟ ଲୋକମାନେ ମଧ୍ୟ ଭଲ ପେଟ୍ରୋଲ ଦେବାକୁ ଦାବି କରିଥିଲେ। ପ୍ରାୟ ୨୦/୨୫ ମିନିଟ ଧରି ପେଟ୍ରୋଲ ପମ୍ପରେ ଉତ୍ତେଜନା ଲାଗି ରହିଥିବା ଦେଖି ପମ୍ପ ମାଲିକ ପହଞ୍ଚି ବନମାଳୀଙ୍କୁ ପେଟ୍ରୋଲ ଦାମ ଫେରାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ପେଟ୍ରୋଲ ପମ୍ପ ମାଲିକ କୌଣସି ମତାମତ ଦେବାକୁ ମନା କରିଥିବା ବେଳେ ପାଣି ମିଶା ପେଟ୍ରୋଲ ପକାଇଥିବା ବନମାଳୀ ସିଂ ଏପରି ଅଭିଯୋଗକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ପେଟ୍ରୋଲିୟମ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଥିଲେ।

# ଛଟପଟ କରୁଛି ବେଆଇନ ପାର୍କିଂ, ଓଭରବ୍ରିଜ୍ କାମ



ଭିଡ଼ରେ ଫସି ରହିଛି ଆମ୍ବୁଲାନ୍ସ।

**ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍**

- ଖଣ୍ଡଗିରି ଛକରେ ଜଟିଳ ସ୍ଥିତି, ବେଖିଆଲ ପୋଲିସ
- ଦିନଠାରୁ ରାତିରେ ଯନ୍ତ୍ରଣା ୧୦ ଗୁଣା
- ଦୀର୍ଘ ସମୟ ଫସି ରହୁଛି ଆମ୍ବୁଲାନ୍ସ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

ଭୁବନେଶ୍ୱର ମଧ୍ୟଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ସହରବାସୀଙ୍କ ପାଇଁ ଏବେ ବଡ଼ ସମସ୍ୟା ପାଲଟିଛି। ବାରମ୍ବାର ଦୁର୍ଘଟଣା ଜୀବନ ନେଉଥିବାବେଳେ ଏବେ ବିଭିନ୍ନ ସ୍ଥାନରେ ଟ୍ରାଫିକ ଜାମ୍ ଅଣନିଃଶ୍ୱାସୀ କରିଦେଉଛି। ଖଣ୍ଡଗିରିଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନର ଓଭରବ୍ରିଜ୍ ନିର୍ମାଣ ଚାଲିଥିବାରୁ ଗାଡ଼ିମୋଟର ଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ବିଶେଷକରି ଖଣ୍ଡଗିରି ଛକ ଓ ଆଖପାଖ ଜାତୀୟ ରାଜପଥ ପାର୍ଶ୍ୱରେ ବସ୍ ଓ ଟ୍ରକ୍ ପାର୍କିଂ କରାଯାଉଥିବାରୁ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ପୋଲିସ, ରାଜପଥ କର୍ତ୍ତୃପକ୍ଷ ଓ ବ୍ରିଜ୍ ନିର୍ମାଣ କରୁଥିବା ସଂସ୍ଥା ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଉ ନ ଥିବାରୁ ଦିନକୁ ଦିନ ଯନ୍ତ୍ରଣା ବଢ଼ୁଛି।

ଦିନ ୮ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍ ଲାଗି ରହୁଛି। ଦିନଠାରୁ ରାତି ସମସ୍ୟା ସବୁଠୁ ବଳିଯାଉଛି। ଖଣ୍ଡଗିରି ଓ ଉଦୟଗିରିକୁ ପର୍ଯ୍ୟଟକଙ୍କ ଆଗମନ ଲାଗି ରହୁଛି। ଏଥିସହ ସ୍ଥାନୀୟ ଅଞ୍ଚଳରେ ଥିବା ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ବଜାର ଓ କଲୋନୀକୁ ଖଣ୍ଡଗିରି ଛକଦେଇ ଲୋକେ ଯାତାୟାତ କରୁଛନ୍ତି। ଜାତୀୟ ରାଜପଥ ହୋଇଥିବାରୁ ଏହି ବାଟଦେଇ ପ୍ରତିଦିନ ଅସଂଖ୍ୟ ଗାଡ଼ିମୋଟର ଚଳାଚଳ କରୁଛି। ଟ୍ରାଫିକ ପୋଷ୍ଟରେ ଟ୍ରାଫିକ ପୋଲିସ ଜଗୁଥିଲେ ମଧ୍ୟ ଭିଡ ସମ୍ଭାଳିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ରାତି ସମୟରେ ଶ୍ରମିକ ମାନେ ଓଭରବ୍ରିଜ୍ କାର୍ଯ୍ୟ କରୁଥିବାରୁ କମିଶନରେଟ୍ ପୋଲିସ ପକ୍ଷରୁ ଗାଡି ଚଳାଚଳ ଉପରେ କିଛି ପ୍ରତିବନ୍ଧକ ଲଗାଯାଇଛି। କୋଳଥିଆରୁ ବରମୁଣ୍ଡା ଓଭରବ୍ରିଜ ଆରମ୍ଭ ଯାଏ ୱାନ୍ ୱେ କରାଯାଉଛି। ଏହା ସାଙ୍ଗକୁ ବେଆଇନ ପାର୍କିଂ ବୋଝ ଉପରେ ନଳିତା ବିଡା ସଦୃଶ ହେଉଛି। ରମାମଣୀ ପେଟ୍ରୋଲ ପମ୍ପ ସାମ୍ନା ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ବସ୍ ପାର୍କିଂ ହୋଇ ରହୁଛି। ଦିନରେ ବିଭିନ୍ନ ସ୍ଥାନରୁ ଆସିଥିବା ବସ୍ ରାତି ସମୟରେ ଏହିଠାରେ ତେଲ ପକାଇବା ସହ ଗାଡିକୁ ରାସ୍ତା ପାର୍ଶ୍ୱରେ ପାର୍କିଂ କରି ରଖୁଛନ୍ତି। ରାସ୍ତା ଦୁଇ ପାର୍ଶ୍ୱର ଅଧାରୁ ଅଧିକ ଜାଗା ଏହି ବେଆଇନ ବସ୍ ପାର୍କିଂରେ ଯାଉଛି। ରାତି ସମୟରେ ଭୁବନେଶ୍ୱରରୁ ଦୂର ସ୍ଥାନକୁ ବସ୍ ଓ ଟ୍ରକ୍ ଚଳାଚଳ କରୁଛି। ଏମିତିକି ଅସଂଖ୍ୟ ମାଲବାହୀ ଟ୍ରକ୍ , କଣ୍ଟେନର ଆସୁଛି। ତେଣୁ ରାତି ୯ଟା ପରେ ଟ୍ରାଫିକ ଜାମ୍ ଅସମ୍ଭାଳ ହୋଇପଡୁଛି। ଜାତୀୟ ରାଜପଥ ଉପରେ ବସ୍, ଟ୍ରକ୍, କାର୍ ବହୁ ସମୟ ଧରି ଲମ୍ବା ଲାଇନରେ ଛିଡା ହୋଇ ରହୁଥିବାରୁ ଦୀର୍ଘ ସମୟ ଟ୍ରାଫିକ ଜାମ୍ ହେଉଛି। ସାଧାରଣ ଲୋକଙ୍କଠାରୁ ଆମ୍ବୁଲାନ୍ସ ମଧ୍ୟ ଘଣ୍ଟା ଘଣ୍ଟା ଧରି ଜାମ୍‌ରେ ଫସି ରହୁଥିବା ଦେଖିବାକୁ ମିଳୁଛି।

## 'ବେଆଇନ ପାର୍କିଂ ଉପରେ ଜରିମାନା ହେବ'



ଟ୍ରାଫିକ୍ ଏସିପି ସ୍ୱସ୍ତିକ୍ ପଣ୍ଡା କହିଛନ୍ତି, ଖଣ୍ଡଗିରି ନିକଟରେ ଫ୍ଲାଏଓଭର ବ୍ରିଜ୍ କାର୍ଯ୍ୟ ଚାଲୁଥିବାରୁ ରାସ୍ତା ଅଣଓସାରିଆ ହୋଇଯାଇଛି। ଫଳରେ ଟ୍ରାଫିକ୍ ଭିଡ ରହୁଛି। ବେଆଇନ ପାର୍କିଂ କରାଯାଉଥିବା ନେଇ ଆମ ନଜରକୁ ଆସି ନ ଥିଲା। ଏଣିକି ଯାଞ୍ଚ କରାଯିବା ସହ ବେଆଇନ ପାର୍କିଂ କରିଥିବା ଗାଡ଼ିଚାଳକଙ୍କ ଉପରେ ଜରିମାନା ଲାଗୁ କରାଯିବ। ରାସ୍ତା କଡରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଗାଡିଗୁଡିକୁ ଏନ୍‌ଫୋର୍ସମେଣ୍ଟ ଟିମ୍ ତୁରନ୍ତ ହଟାଇବାର ବ୍ୟବସ୍ଥା ହେବ।

## ଦିନକୁ ୫ରୁ ଅଧିକ ଦୁର୍ଘଟଣା

ଟ୍ରାଫିକ ସମସ୍ୟାରୁ ପ୍ରତିଦିନ ଖଣ୍ଡଗିରି ଟ୍ରାଫିକ ନିକଟରେ ଦୁର୍ଘଟଣା ବଢିବାରେ ଲାଗିଛି। ପ୍ରତିଦିନ ଏହି ସ୍ଥାନରେ ଛୋଟ ବଡ ପ୍ରାୟ ୫ରୁ ଅଧିକ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ବେଆଇନ ପାର୍କିଂ ଓ ଓଭରବ୍ରିଜ୍ କାର୍ଯ୍ୟ ଚାଲୁଥିବାରୁ ଗାଡି ମୋଟର ଯିବାପାଇଁ ବହୁତ କମ୍ ରାସ୍ତା ବଞ୍ଚୁଛି। ସେଥିରେ ମଧ୍ୟ କିଏ କେଉଁ ପଟେ ଗାଡି ନେଇ ଯାଉଛି ଜଣା ପଡୁନାହିଁ। ଫଳରେ ଗାଡିଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ନିକଟରେ ନୟାଗଡ ଅଞ୍ଚଳର ଜଣେ ବ୍ୟକ୍ତି ବାଇକ ନେଇ ଯାଉଥିବା ସମୟରେ ତାଙ୍କ ଉପରେ ବସ୍ ଚଢିଯିବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ବେଗୁନିଆରେ ଯାତ୍ରା ବନ୍ଦ କଲା ପ୍ରଶାସନ

**ଖୋର୍ଦ୍ଧା ଅଫିସ,୨୧।୨:** ବେଗୁନିଆରେ ପ୍ରଶାସନର ବିନା ଅନୁମତିରେ ଚାଲିଥିବା ଯାତ୍ରାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେବା ପରେ ଖୋର୍ଦ୍ଧା ଜିଲା ପ୍ରଶାସନର ଚେତା ପଶିଛି। ଶନିବାର ରାତିରେ ଯାତ୍ରା ଚାଲିଥିବାବେଳେ ଜିଲାପାଳ ସନତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ବେଗୁନିଆ ତହସିଲଦାର ପୃଥ୍ୱିରାଜ ମଣ୍ଡଳ ପହଞ୍ଚି ଯାତ୍ରା ବନ୍ଦ କରିବା ସହ ଆୟୋଜକ କମିଟିକୁ ତାଗିଦ୍ କରିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଏକ ଯାତ୍ରା ପାର୍ଟି ପକ୍ଷରୁ ଯାତ୍ରା ପରିବେଷଣ କରାଯାଇଥିଲା। ସେଠାରେ ପ୍ରାୟ ୨ହଜାର ଲୋକ ଉପସ୍ଥିତ ଥିଲେ। ସେହିପରି ଶନିବାର ରାତିରେ ମଧ ଯାତ୍ରା ମଞ୍ଚସ୍ଥ ହେଉଥିଲା। ସମ୍ପୃକ୍ତ ଯାତ୍ରା ପାର୍ଟି କିମ୍ବା ଆୟୋଜକ କମିଟି କେହି ପ୍ରଶାସନର ଅନୁମତି ଆଣି ନ ଥିଲେ ବୋଲି ଜଣାପଡ଼ିଛି। ଏଣିକି ଜନସମାଗମ ଯେଭଳି ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଜିଲାପାଳ କହିଛନ୍ତି।

### ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ବାଇକ୍ ଚାଳକ

**ଜଟଣୀ,୨୧।୨(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅଧୀନ ରଥିପୁର ରେଳବାଇ ଲେଭଲ କ୍ରସିଂ ନିକଟରେ ଏକ ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ୩ଜଣ ଯାତ୍ରୀ। ସୂଚନା ମୁତାବକ, ରବିବାର ଅପରାହ୍ନରେ କୌଣସି କାର୍ଯ୍ୟରେ ଜଟଣୀ ବ୍ଲକ୍ କୁଶୁମାଟି ଗ୍ରାମର ସୁରଜିତ ମହାନ୍ତି ପୁତୁରା ଏବଂ ପୁଅକୁ ସାଥୀରେ ନେଇ ରଥିପୁର ଗ୍ରାମରୁ ଜଟଣୀ ଫେରୁଥିଲେ। ତେବେ ରେଲୱେ ଲେଭଲ କ୍ରସିଂ ନିକଟରେ ରଥିପୁର ଆଡୁ ଆସୁଥିବା ଏକ ଖାଲି ଡମ୍ଫର ବାଇକ୍ ଚାଳକଙ୍କୁ ଓଭରଟେକ୍ କରିବାକୁ ଯାଇ ସାଇଡ୍‌ରୁ ଧକ୍କା ଦେଇଥିଲା। ଫଳରେ ଗାଡିରେ ବସିଥିବା ୩ଜଣ ଯାତ୍ରୀ ପାଖ ବୁଦାରେ ଛିଟିକି ପଡ଼ିଯାଇଥିଲେ। ତେବେ ୩ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିବା ସହ ସାମାନ୍ୟ ଆହତ ହୋଇଥିଲେ।

### ଅନ୍ତର୍ଜାତୀୟ ମାତୃଭାଷା ଦିବସ

**ନିରାକାରପୁର, ୨୧।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଅଚ୍ୟୁତପୁର ପଞ୍ଚାୟତରେ ଥିବା ଦାଶରଥି ମହାପାତ୍ର ହାଇସ୍କୁଲରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ କରଙ୍କ ପୌରୋହିତ୍ୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷାର ଲୋକପ୍ରିୟତା ଏବଂ ଆଚରଣ ବ୍ୟବହାର ବିଷୟରେ ଆଲୋକପାତ କରାଯାଇଥିଲା। କରୋନା ସଂକ୍ରମଣ ନିୟମକୁ ପାଳନ କରି ସାମାଜିକ ଦୂରତା ରକ୍ଷା କରି ଏହି କାର୍ଯ୍ୟ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଧାନ ଶିକ୍ଷକଙ୍କ ଅଧକ୍ଷତାରେ ହୋଇଥିବାବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଅନୁଷ୍ଠାନର ଛାତ୍ର ଧନ୍ୟବାଦ ଦେଇଥିଲେ।

## ଭାଷା ପରସ୍ପରକୁ ନିକଟତର କରେ, ସମ୍ପର୍କ ଯୋଡ଼େ

ଖୋର୍ଦ୍ଧା ଅଫିସ,୨୧।୨


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ବିଶ୍ୱ ମାତୃଭାଷା ଦିବସ ଅବସରରେ ରବିବାର କୋଣାର୍କ ସାହିତ୍ୟ ସଂସଦ ତରଫରୁ ଗୀତା ଭବନ ପରିସରରେ 'ଭାଷାର ଅସ୍ମିତା- ଆମ ପରିଚୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଐତିହ୍ୟ ଗବେଷକ ସତ୍ୟବାଦୀ ବଳିୟାରସିଂହ ପୌରୋହିତ୍ୟ କରିଥିଲେ। ଉଦ୍‌ଘାଟକ ଭାବେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଯୋଗଦେଇ କହିଲେ ଯେ, ଭାଷା ସମ୍ପର୍କର ସେତୁ ଭାବେ ପରସ୍ପରକୁ ଯୋଡ଼ି ଥାଏ। ମୁଖ୍ୟଅତିଥି ବିଶିଷ୍ଟ ଔପନ୍ୟାସିକ ଡ. ପଦ୍ମଜ ପାଳ କହିଥିଲେ ଯେ, ଓଡ଼ିଆ ଭାଷା ଏହାର ପ୍ରାଚୀନତା ଓ ମୌଳିକତା ପାଇଁ ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ସୁଦ୍ଧା ସରକାରଙ୍କ ପକ୍ଷରୁ ଏହାର ସୁରକ୍ଷା ନେଇ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ସମ୍ମାନିତ ଅତିଥି କଥାକାର ଡ. ସୁରେଶ ଛୋଟରାୟ କହିଲେ ଯେ, ଦୈନନ୍ଦିନ ଜୀବନରେ ମାତୃଭାଷାରେ କଥାବାର୍ତ୍ତା ଏବଂ ଗୋଟିଏ ପିଢିରୁ ଆଉ ଗୋଟିଏ ପିଢିକୁ ଭାଷାର ସଂପ୍ରସାରଣ ହେଲେ ମାତୃଭାଷା ବଞ୍ଚିବ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଷୁବ ମିଳନ ସମିତିର ସମ୍ପାଦକ ଜ୍ଞାନରଞ୍ଜନ ଦାଶ, ପ୍ରଫେସର ନାରାୟଣ ରାଓ, କବି ରାଜକିଶୋର ପାଣିଗ୍ରାହୀ ପ୍ରମୁଖ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି କହିଲେ ଯେ, ଭାଷା ଅବକ୍ଷୟ ହେଲେ, ଏହା ସମାଜ ଉପରେ ପ୍ରତିଫଳିତ ହୋଇଥାଏ। ଓଡ଼ିଆ ଭାଷାର ବିକାଶ ଲାଗି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। କୋଣାର୍କ ସାହିତ୍ୟ ସଂସଦର ସଂପାଦକ କବି ନାରାୟଣ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ଖଡ଼ିଆଳର କବି ଲବଣେଶ୍ୱର ବାରିକ, କେନ୍ଦୁଝରର କବି ବେଣୁଧର ସୁତାର, ଖୋର୍ଦ୍ଧାର କବୟିତ୍ରୀ ବିଳାସିନୀ ଦାଶ ଓ ଶାନ୍ତିଲତା ଦେବୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କବି ନାରାୟଣ ଦାସଙ୍କ କାଶତଣ୍ଡୀ-୩, କବୟିତ୍ରୀ ଜ୍ୟୋତିପ୍ରଭା ପଟ୍ଟନାୟକଙ୍କ ପିଲାଙ୍କ ଗୀତ ପୁସ୍ତକ ଉନ୍ମୋଚିତ ହୋଇଥିଲା। କବି ଗୋବିନ୍ଦ ମହାରଣା, ସୂର୍ଯ୍ୟ ମହାନ୍ତି, ଡ.ନୀଳାଦ୍ରିନାଥ ଜଗଦ୍ଦେବ, ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ବିଭୂ ହୋତା ଅତିଥି ପରିଚୟ ଓ ବଂଶୀଧର ପଣ୍ଡା ଧନ୍ୟବାଦ ଦେଇଥିଲେ। ଶିବସୁନ୍ଦର ପଟ୍ଟନାୟକ, ରଂଜନାଥ ସେଠୀ, ସୁକାନ୍ତି ମହାପାତ୍ର, କରୁଣାକର ବାରିକ, ଇତିଶ୍ରୀ ସାହୁ, ଡ. ଚପଳା ପଣ୍ଡା, ଡ. ବୃନ୍ଦାବନ ପଣ୍ଡା, ଡ. ରଜନୀ ରଣସିଂହ, ନିଶିକାନ୍ତ କହଲସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କ୍ରିକେଟ: ଭୋଗପୁର ମା' ଦକ୍ଷିଣ ଚଣ୍ଡୀ କ୍ଲବ ଚାମ୍ପିୟନ

ନିରାକାରପୁର,୨୧।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ମଳିପଡ଼ା ମା' ଭଗବତୀ କ୍ଲବ ଆନୁକୂଲ୍ୟରେ ବାଙ୍ଗୁର ଶିକ୍ଷାସଦନ ଖେଳପଡ଼ିଆରେ ଚାଲିଥିବା ୭ମ ବାର୍ଷିକ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚରେ କାଇମାଟିଆ କ୍ରିକେଟ କ୍ଲବକୁ ହରାଇ ଭୋଗପୁରର ମା' ଦକ୍ଷିଣଚଣ୍ଡୀ କ୍ରିକେଟ କ୍ଲବ ଚଳିତବର୍ଷର ଚାମ୍ପିୟନ ହୋଇଛି। ପ୍ରଥମେ ଟସ ଜିତି ଭୋଗପୁର ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ଗ୍ରାଉଣ୍ଡସଟ ଜରିଆରେ ୪୮ ରନ କରିଥିଲା। ଜବାବରେ କାଇମାଟିଆ ଟିମ୍ ସମସ୍ତ ଉଇକେଟ ହରାଇ ୪୦ ରନ କରି ପରାସ୍ତ ହୋଇଥିଲା। ଖେଳକୁ ବିରଞ୍ଚି କୁମାର ବିଶ୍ୱାଳ ଓ ମୃତ୍ୟୁଞ୍ଜୟ ବରାଳ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ପ୍ରଧାନ, ଭାଜପା ମଣ୍ଡଳ ସଭାପତି ସୀତାରାମ ରାଉତରାୟ, ପ୍ରମୋଦ ଭୁଜବଳ ଓ ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜେତା ଭୋଗପୁର ଦଳକୁ ୧୪ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୧୦ ହଜାର ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ସୋମନାଥ ବଳିୟାରସିଂହ, ପ୍ରଦ୍ୟୁମ୍ନ ଖଣ୍ଡାୟତରାୟ, ନରୋତ୍ତମ ପାଇକରାୟ, ଅନିଲ ବରାଳ, ଜୀବନଧନ ଛୋଟରାୟ, ସତୀଶ କଳସ, ତ୍ରୈଲୋକ୍ୟ ପ୍ରଧାନ ଓ ବିକ୍ରମ ବଡ଼ଜେନା ପ୍ରମୁଖ ସହଯୋଗ କରିଥିଲେ।

## ମା' ରାମଚଣ୍ଡୀ କପ୍ କ୍ରିକେଟ୍: ମଞ୍ଚେଶ୍ୱର ଚାମ୍ପିୟନ


ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ବେଗୁନିଆ, ୨୧।୨(ଡି.ଏନ୍.ଏ.)

ବେଗୁନିଆ ଥାନା ଅନ୍ତର୍ଗତ କୋଦୋବେରେଣି କ୍ରିକେଟ ପଡ଼ିଆରେ ଚାଲୁଥିବା ମା' ରାମଚଣ୍ଡୀ କପ୍ କ୍ରିକେଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଖୋର୍ଦ୍ଧା କ୍ଲବକୁ ହରାଇ ମଞ୍ଚେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ଖୋର୍ଦ୍ଧା କ୍ଲବ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୫୮ରନ କରିଥିଲା। ଜବାବରେ ମଞ୍ଚେଶ୍ୱର କ୍ରିକେଟ କ୍ଲବ କୌଣସି ଉଇକେଟ ନ ହରାଇ ୧୨ ଓଭରରେ ୧୬୩ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଅଭୟ ମଲ୍ଲିକ ବ୍ୟକ୍ତିଗତ ଭାବେ ୪୨ ବଲ୍‌ରେ ୧୦୧ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ ଭାବେ କୁମାର ବସ୍ତ କ୍ରିକେଟ କ୍ଲବର ଏସ୍.ଆର. ରାୟ, ଶ୍ରେଷ୍ଠ ବୋଲର ଭାବେ ରମାକାନ୍ତ ସାହୁ, ଶ୍ରେଷ୍ଠ ଫିଲ୍ଡର ଭାବେ ଆଇ.ଏସ୍. ଗିରି ଏବଂ ମ୍ୟାନ୍ ଅଫ୍ ଦି ସିରିଜ୍ ଏସ୍.କେ. ସଲମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ନଗଦ ରାଶି ୧୮ହଜାର ଟଙ୍କା ଓ ରନର୍ସ ଦଳକୁ ନଗଦ ରାଶି ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍‌କୁ ଚିତ୍ତରଞ୍ଜନ ପଣ୍ଡା ଏବଂ ମନୋଜ ମହାପାତ୍ର ପରିଚାଳନା କରିଥିଲେ।

## ଶଯ୍ୟାଶାୟୀ ଧ୍ରୁବଚରଣଙ୍କୁ ପ୍ରଶାସନର ସହାୟତା

**'ଧରିତ୍ରୀ' ପ୍ରଭାବ**

ଜଟଣୀ,୨୧।୨(ଡି.ଏନ୍.ଏ.)



ଧ୍ରୁବଚରଣଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସାଳୟକୁ ପଠାଯାଉଛି।

ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ଅଧୀନ ୧୦ ନଂ. ୱାର୍ଡ ବଡ଼ନୂଆଗାଁ ମୌଜା ରଘୁନାଥନଗରରେ ଶଯ୍ୟାଶାୟୀ ଥିବା ଧ୍ରୁବଚରଣ ନାୟକ(୭୩)ଙ୍କୁ ସ୍ଥାନୀୟ ପ୍ରଶାସନ ସହାୟତାର ହାତ ବଢ଼ାଇଛି। ରବିବାର ଜଟଣୀ ପୌର ପରିଷଦର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଧ୍ରୁବଙ୍କ ଘରେ ପହଞ୍ଚି ଚିକିତ୍ସା ପାଇଁ ପ୍ରାଥମିକ ପଦକ୍ଷେପ ନେଇଛନ୍ତି। ରଘୁନାଥନଗର ୱାର୍ଡ ଅଫିସର ସତ୍ୟବ୍ରତ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଆମ୍ବୁଲାନ୍ସରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କର ଚିକିତ୍ସା କରାଯାଇଛି। ଏପରିକି ଅଧିକ ଚିକିତ୍ସା ଏବଂ ପରୀକ୍ଷା ନିମନ୍ତେ ଖୋର୍ଦ୍ଧା ଜିଲା ହସ୍ପିଟାଲକୁ ପଠାଯିବ ବୋଲି ଅଧିକାରୀ ତ୍ରିପାଠୀ କହିଛନ୍ତି।

ସୂଚନା ମୁତାବକ, ପୁରୀ ଜିଲାର ଧ୍ରୁବଚରଣ ୧୯୭୫ରୁ ସ୍ତ୍ରୀ ସହ ଜଟଣୀରେ ଆସି ରହୁଛନ୍ତି। ସେ ଭଲ ଇଲେକ୍ଟ୍ରି ମିସ୍ତ୍ରି ଭାବେ ସ୍ଥାନୀୟ ଅଞ୍ଚଳରେ କାମ କରୁଥିବାବେଳେ ବୟସାଧିକ କାରଣରୁ କିଛିବର୍ଷ ତଳେ ଅସୁସ୍ଥ ହୋଇପଡ଼ିଥିଲେ। ଘରେ ଏକାକି ରୋଜଗାର କରୁଥିବାରୁ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। କିଛିଦିନ ଜଟଣୀରେ ଏକ ଜରାଶ୍ରମରେ ସ୍ୱାମୀସ୍ତ୍ରୀ ରହିଥିଲେ ହେଁ କୌଣସି କାରଣରୁ ଚାଲିଆସି ରଘୁନାଥ ନଗରରେ ରହୁଥିଲେ। ୨୦୧୯ ଡିସେମ୍ବର ୩ରେ ହଠାତ୍ ଧ୍ରୁବଚରଣ ମୁଣ୍ଡ ବୁଲାଇ ପଡ଼ିଯିବାରୁ ଅଣ୍ଟା ଓ ୨ ଗୋଡ଼ରେ ଆଘାତ ଲାଗିବାରୁ ଦେଢ଼ ବର୍ଷ ଶଯ୍ୟାଶାୟୀ ହୋଇପଡ଼ିଲେ। ଅର୍ଥ ଅଭାବରୁ ଚିକିତ୍ସା କରି ନ ପାରି ସହାୟତା ନିମନ୍ତେ ପ୍ରଶାସନକୁ ନିବେଦନ କରିଥିଲେ। ଏ ନେଇ ଗତ ୧୭ତାରିଖରେ ଧରିତ୍ରୀ ଖବରକାଗଜରେ 'ଚିକିତ୍ସା ପାଇଁ ସହାୟତାକୁ ଅପେକ୍ଷା' ଶୀର୍ଷକ ରିପୋର୍ଟ ପ୍ରକାଶ ପାଇଥିଲା। ପରେ ସ୍ୱେଚ୍ଛାସେବୀ ପ୍ରଶାନ୍ତ ମହାପାତ୍ର, ନୂର ମହମ୍ମଦ ଏବଂ ଦୀପକ ଜେନା ଧ୍ରୁବଚରଣଙ୍କ ଚିକିତ୍ସା ପାଇଁ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଥିଲେ। ଜଟଣୀ ପୌର ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦେବାଶିଷ


@ ମନୋଜ


@ ଗିରିଜା


@ ଅଭିନନ୍ଦନ


@ ରଞ୍ଜନ


@ ମୋନା

## 'ସାହିତ୍ୟ ସତ୍ୟ ଆଧାରିତ ହେଲେ କାଳଜୟୀ ହୁଏ'

**ବିଷ୍ଣୁଚରଣ ସାହୁଙ୍କୁ ଆମରିସତ୍ୟ ସମ୍ମାନ**

ଖୋର୍ଦ୍ଧା ଅଫିସ,୨୧।୨

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନ ପରିସରରେ ରବିବାର ସାହିତ୍ୟ ପତ୍ରିକା 'ଆମରି ସତ୍ୟ'ର ଏକାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆମରି ସତ୍ୟର ସମ୍ପାଦକ ପ୍ରଫେସର ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଏବଂ ଉଦ୍‌ଘାଟକ ଭାବେ ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ଅଭୟ କୁମାର ନାୟକ ନିଜ ବକ୍ତବ୍ୟରେ କହିଥିଲେ ଯେ, ସାହିତ୍ୟ ସତ୍ୟ ଆଧାରିତ ହେଲେ ତାହା କାଳଜୟୀ ହୋଇପାରିବ। ପତ୍ରିକାର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ, ଐତିହ୍ୟ ଗବେଷକ ସତ୍ୟବାଦୀ ବଳିୟାରସିଂହ ଅତିଥି ପରିଚୟ ଦେଇଥିବାବେଳେ ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ବେଦପାଠ କରିଥିଲେ। ଏହି ଅବସରରେ ଜବାହରଲାଲ ସୁବୁଦ୍ଧିଙ୍କ ରଚିତ ଓଡ଼ିଶାରେ ଗାନ୍ଧିଜୀ, ଡା. ଧନେଶ୍ୱର ସାହୁଙ୍କ ଅଟୋବାଲା, ଏ ନୁହେଁ ଗପ, ଆଜ୍ଞା ଗୋଟେ ମିନିଟ୍, ଦରବାର ଓ ରେଣୁକା ରଥଙ୍କ ସତ୍ୟପଥେ ତ୍ରିଧାରା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆମରି ସତ୍ୟ ଟ୍ରଷ୍ଟ ପକ୍ଷରୁ ଶିକ୍ଷାବିତ୍ ଡ. ବିଷ୍ଣୁଚରଣ ସାହୁଙ୍କୁ ଆମରିସତ୍ୟ ସମ୍ମାନ, ଆଦିନାରାୟଣ ଖଣ୍ଡୁଆଳଙ୍କୁ ସାରସ୍ୱତ ଏବଂ ବୀରକିଶୋର ସୁନ୍ଦରାୟ ଏବଂ ଡା.ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଶିବପ୍ରସାଦ ପାଢ଼ୀ, ଡ. ନିରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବିଭୂପ୍ରସାଦ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ ସାମନ୍ତରାୟ, ସୌଦାମିନୀ ବେହେରା, ରଶ୍ମିତା ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଆନ୍ଦୋଳନ ଅନୁଷ୍ଠାନ ପକ୍ଷରୁ ସନ୍ତୋଷ ମହାନ୍ତିଙ୍କ ନିର୍ଦ୍ଦେଶନାରେ କରୋନା କ୍ଷୁଦ୍ର ନାଟକ ଓ ସୁବାସ ଚନ୍ଦ୍ର ରାଉତ ଓ ସହଯୋଗୀଙ୍କ ଦ୍ୱାରା ସଙ୍ଗୀତ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମନୋରମା ପାଢ଼ୀ, ସୌମ୍ୟରଞ୍ଜନ ଦାସ, ସମରେନ୍ଦ୍ର ବଳିୟାରସିଂହ ପ୍ରମୁଖ ସହଯୋଗ କରିଥିଲେ।